

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୬ ଫେବୃଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 16 FEBRUARY 2021

Vol.No. 31 ■ No. 45 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆଜିଠୁ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୫।୦୨ (ନି.ପ୍ର): ରାଜ୍ୟରେ ବଦଳିବ ପାଗର ମିଜାଜ। ଆସନ୍ତାକାଲିଠୁ ରହିଛି ବର୍ଷା ସମ୍ଭାବନା । କାଲିଠୁ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ଆସନ୍ତାକାଲି ସମ୍ବଲପୁର, ନୂଆପଡା, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ସେହିପରି ୧୭ ତାରିଖରେ ଗଜପତି, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ ସମେତ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

କଂଗ୍ରେସର ୬ ଘଣ୍ଟିଆ ଓଡ଼ିଶା ବନ୍ଦ

ଠପ୍ ହୋଇଗଲା ଯାନବାହନ, ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଲା ବନ୍ଦ ବେଳର ୧୦ଟି ବଡ଼ ଘଟଣା

ଭୁବନେଶ୍ୱର,୧୫।୦୨ (ନି.ପ୍ର): ତେଲଦର ବୃଦ୍ଧି ପ୍ରତିବାଦରେ ଆଜି କଂଗ୍ରେସ ଦଳ ଦକ୍ଷରୁ ୬ଘଂଟିଆ ବନ୍ଦ ପାଳନ କରାଯାଇଛି । ଆଉ ଏହି ବନ୍ଦ ପାଳନ ବେଳେ ସାରା ରାଜ୍ୟର ବିଭିନ୍ନ ଅଂଚଳରୁ ଆସିଛି, ପ୍ରତିବାଦର ଭିନ୍ନ ଭିନ୍ନ ଚିତ୍ର । ଓଡ଼ିଶାର ବନ୍ଦର ପ୍ରତିବାଦ ସମୟରେ ଆସିଥିବା ୧୦ଟି ବଡ଼ ଘଟଣା ବାବଦରେ ଜାଣନ୍ତୁ । ଭୁବନେଶ୍ୱର ମାଷ୍ଟର କ୍ୟାନଟିନ୍ ଛକରୁ ଆସିଥିଲା ଏହି ଚିତ୍ର । କଂଗ୍ରେସର ପ୍ରତିବାଦ ସମୟରେ ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକରେ ଅଟୋ ଚାଳକଙ୍କୁ କଂଗ୍ରେସ କର୍ମୀ ଅଟକାଇବା ସହ ତାଙ୍କୁ ମାରପିଟ କରିଥିଲେ । ବନ୍ଦ ଘୋଷଣା ସତ୍ତ୍ୱେ

କାହିଁକି ଯାତ୍ରୀଙ୍କୁ ନେଇ ଗାଡ଼ି ଚଳାଉଛି ବୋଲି ପ୍ରଶ୍ନ କରିଥିଲେ ପ୍ରତିବାଦକାରୀ । ଆଉ ଉତ୍କ୍ଷିପ୍ତ ହୋଇ ଅଟୋ ଚାଳକଙ୍କୁ ମାରପିଟ୍ କରିଥିବା ଚିତ୍ର କ୍ୟାମେରାରେ କଏଦ୍ ହୋଇଥିଲା । ସେହିପରି ଭୁବନେଶ୍ୱର ମାଷ୍ଟର କ୍ୟାନିଟିନ୍ ଅଂଚଳରେ ସକାଳୁ ସକାଳୁ ଗ୍ରାହକଙ୍କ ଅପେକ୍ଷାରେ ଖୋଲିଥିବା ଏକ ଜଳଖିଆ ହୋଟେଲ ଉପରେ ପଡ଼ିଥିଲା କଂଗ୍ରେସ କର୍ମୀଙ୍କ ନଜର । ପିକେଟିଂ କରୁଥିବା ଆନ୍ଦୋଳନକାରୀମାନେ ଝୁମ୍ପୁଡ଼ି ହୋଟେଲରେ ପଶି, ହୋଟେଲ ବନ୍ଦ କରିବାକୁ ▶▶ପୃଷ୍ଠା ୭

ଏକାମ୍ର କ୍ଷେତ୍ର ବାଇ-ଲ ନିଷ୍ପତ୍ତି ନେଇ ସାଂସଦ ଅପରାଜିତାଙ୍କ ପ୍ରେସ୍‌ମିଟ

ରାଜ୍ୟ ସରକାରଙ୍କୁ ପଚାରିଲେ ୫ ପ୍ରଶ୍ନ

ଭୁବନେଶ୍ୱର,୧୫।୦୨ (ନି.ପ୍ର): ଏକାମ୍ର କ୍ଷେତ୍ର ବାଇ-ଲ ନିଷ୍ପତି ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ । କହିଛନ୍ତି କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଲୋକଙ୍କୁ ଭ୍ରମିତ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି । ବାଇ-ଲକୁ ନେଇ ହେଉଥିବା ଅଭିଯୋଗର ଉତର ରଖିବା ସହ ରାଜ୍ୟ ସରକାର ପାଲଟା ୫ଟି ପ୍ରଶ୍ନ ପଚାରିଛନ୍ତି ଅପରାଜିତା । କୀର୍ତ୍ତିରାଜି ଅଂଚଳରେ ଉଚ୍ଛେଦ ପ୍ରକ୍ରିୟାରେ ଏଏସଆଇକୁ ସାମିଲ କରାଯାଇନାହିଁ । ଏଏସଆଇକୁ

ରାଜ୍ୟ ସରକାର ସବିଶେଷ ରିପୋର୍ଟ ଦେଇନାହାନ୍ତି କାହିଁକି । ବାଇ-ଲ ନେଇ ରାଜ୍ୟ ସରକାର ପରାମର୍ଶ ଦେଇନାହାନ୍ତି । ଲିଙ୍ଗରାଜ-ଶ୍ରୀମନ୍ଦିର ବିକାଶ ରୂପରେଖ ପ୍ରସ୍ତୁତି ପାଇଁ କେଉଁ ଆର୍କିଓଲୋଜି ଫାର୍ମକୁ ଦାୟିତ୍ୱ ଦିଆଯାଇଛି । ତା ବାବଦରେ ଜନସାଧାରଣଙ୍କୁ ଅବଗତ କରାଯାଉ । ପୁରୀର ଏମରଆର ଭାଙ୍ଗିବା ପୂର୍ବରୁ ତାର ଡିଟେଲ୍ ମ୍ୟାପିଂ କରାଯାଇଥିଲା କି ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି ।

୨ଶହ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

ରାଉରକେଲା,୧୫।୦୨ (ନି.ପ୍ର): ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା କାଲି ଅର୍ଥାତ ୧୬ ତାରିଖରେ ରାଉରକେଲା ବିପିୟୁଟି ପରିସରରେ ପହଁଚି ସମଗ୍ର ଜିଲ୍ଲା ଲାଗି ପାଖାପାଖି ୫ ହଜାର କୋଟୀ ଟଙ୍କା ବିନିମୟରେ ପ୍ରାୟ ୨୦୦ ଗୋଟି ପ୍ରକଳ୍ପର ଶୁଭ ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିବେ । ଏଥିଲାଗି ମଂଚ ପ୍ରସ୍ତୁତ ହେବା ସହ ରାତାରାତି ଏରୋଡ୍ରମ ପଡିଆ ପାଖେ ପାଖେ ଛେଣ୍ଡକୁ ଆସିଥିବା ରାସ୍ତା ଦିର୍ଘ ଦିନ ମରାମତି ନହୋଇ ପଡିଥିବା ବେଳେ ଏହାକୁ ଚଉଡା କରାଜିବା ସହ ସେହି ରାସ୍ତାରେ ଥିବା ବିପିୟୁଟି ପାଚେରୀକୁ ଭାଙ୍ଗି ଆଜି ଏକ ନୂତନ ସଂଯୋଗୀକରଣ

ରାସ୍ତାର ନିର୍ମାଣ କାମ ଚାଲିଛି । ଏହା ରାତାରାତି ସରିବ ବୋଲି ଜଣାପଡିଛି । ଏଥିଲାଗି ଜିଲ୍ଲାର ସମସ୍ତ ସରକାରୀ କଳ ଲାଗି ପଡିଥିବା ବେଳେ ଓଡିଶାର ୭୦ ବିଧାୟକ ଓ ୧୭ ମନ୍ତ୍ରୀ ମଧ୍ୟ ଜିଲ୍ଲାରେ ପହଁଚି ସାରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ କିଛି ଦିନ ତଳେ ଏହି ଜିଲ୍ଲାକୁ ଆସି ପାଖା ପାଖି ୧୨୦୦ କୋଟୀ ଟଙ୍କାର ପ୍ରକଳ୍ପ ଆରମ୍ଭ ଓ ଶୁଭ ଦେବା କାମ କରି ଯାଇଥିଲେ । ତା ପରେ ପୁଣି ଜିଲ୍ଲାର ପାନୀୟ ଜଳ, ରାସ୍ତା, ଖେଳ ପଡିଆ ଆଦି ସହ ଜିଲ୍ଲାରେ ସର୍ବ ବୃହତ ହକି ପଡିଆର ଶୁଭ ଦେବା ଲାଗି ପ୍ରସ୍ତୁତି ସରିଛି । ଏଥିଲାଗି ଗତ କିଛି ଦିନ ହେବ ଖୋଦ୍ ଜିଲ୍ଲା ପ୍ରଶାସନ, ରାଉରକେଲା ବିଧାୟକଙ୍କ ସମେତ ରାଜ୍ୟ ଶାସନ କଳର ବହୁ ଅଧିକାରୀ ଏଠାକୁ ଆସି ବୁଲି ଦେଖି ଯାଇଥିଲେ । ଇତି ମଧ୍ୟରେ ୧୩୭ ଏକର ଭିତରେ ଥିବା ବିପିୟୁଟିର କିଛି ଅଂଚଳରେ ଏକ ମଂଚ ପ୍ରସ୍ତୁତକାରୀ ସଂସ୍ଥା ହଜାର ହଜାର ଲୋକଙ୍କ ବସିବା ଲାଗି ୩ଟି ସେଡ୍ ପ୍ରସ୍ତୁତ କରିଥିବା ବେଳେ ବିଶାଳକାୟ ମଂଚ ମଧ୍ୟ ପ୍ରସ୍ତୁତ ହୋଇଛି ।ଏହି ମଂଚ ପାଖକୁ ଯାତାୟାତ ଲାଗି ରାସ୍ତା ମାନ ପ୍ରସ୍ତୁତ ହୋଇଛି । ▶▶ପୃଷ୍ଠା ୭

ଜଳଗାଓଁ ଦୁର୍ଘଟଣା ପୀଡିତଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଅନୁକମ୍ପା ରାଶି ଘୋଷଣା

ନୂଆଦିଲ୍ଲୀ,୧୫।୦୨ (ନି.ପ୍ର): ମହାରାଷ୍ଟ୍ରର ଜଳଗାଓଁଠାରେ ଘଟିଥିବା ଟ୍ରକ ଦୁର୍ଘଟଣାର ପୀଡିତଙ୍କ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅନୁକମ୍ପା ରାଶି ଅନୁମୋଦନ କରିଛନ୍ତି । ଏକ ଟ୍ୱିଟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି ଯେ, ମହାରାଷ୍ଟ୍ରର ଜଳଗାଓଁଠାରେ ଘଟିଥିବା ହୃଦୟ ବିଦାରକ ଟ୍ରକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟଙ୍କୁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନୁମୋଦନ କରିଛନ୍ତି ।

ସମ୍ପୂର୍ଣ୍ଣ ଡିଜିଟାଲ ହେବ ବିଧାନସଭା

ଜାତୀୟ ଇ-ବିଧାନ ପ୍ରୟୋଗ କର୍ମଶାଳାର ଉଦ୍‌ଘାଟନ କଲେ ବାଚସ୍ପତି

ଭୁବନେଶ୍ୱର ,୧୫।୦୨ (ନି.ପ୍ର): ବିଧାନ ସଭାର ସମସ୍ତ ଗୃହକାର୍ଯ୍ୟ ଡିଜିଟାଲ ବ୍ୟବସ୍ଥାରେ ପରିଚାଳିତ ହେବ। ଏଥିନେଇ ସୋମବାର ପୂର୍ବାହ୍ନରେ ଏକ ୨ ଦିନିଆ ଜାତୀୟ ଇ-ବିଧାନ ପ୍ରୟୋଗ କର୍ମଶାଳାକୁ ଓଡିଶା ବିଧାନସଭା ବାଚସ୍ପତି ଡଃ. ସୂର୍ଯ୍ୟ ନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ବାଚସ୍ପତି ଡଃ ପାତ୍ର କହିଲେ ଯେ,ଏଣିକି ବିଧାନସଭାର ସମସ୍ତ ଗୃହ କାର୍ଯ୍ୟର ବିବରଣୀ, ରାଜ୍ୟପାଳଙ୍କ ବଜେଟ ଅଭିଭାଷଣ, ରାଜ୍ୟ ବଜେଟ୍, ଅର୍ଥନୈତିକ ସର୍ବେକ୍ଷଣ ଆଦି ଜାତୀୟ ଇ-ବିଧାନ ଆପ୍ଲିକେସନ ବ୍ୟବସ୍ଥାରେ

କରାଯିବ। ଏଥିପାଇଁ ଡିଜିଟାଲ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ କରାଯାଉଛି । ଏହି ବ୍ୟବସ୍ଥାରେ ସମସ୍ତ ତାରକା ଚିହ୍ନିତ, ଅଣତାରକା ଚିହ୍ନିତ ପ୍ରଶ୍ନ ଓ ଉତର ମଧ୍ୟ ଉପସ୍ଥାପିତ ହେବ। ବିଧାନସଭାରେ ପଚରାଯିବାକୁ ଥିବା ବିଧାୟକମାନଙ୍କର ପ୍ରଶ୍ନ ମଧ୍ୟ ଅନ୍‌ଲାଇନ୍‌ରେ ଉପସ୍ଥାପିତ ହେବ। କର୍ମଶାଳାରେ ଭାରତ ସରକାରଙ୍କ ସଂସଦୀୟ ବ୍ୟାପାର ମନ୍ତ୍ରାଳୟର ଜାତୀୟ ଇ-ବିଧାନ ଆପ୍ଲିକେସନ୍ସ (ନେଭା)ର ସଂଯୋଜକ ଅର୍ପିତ୍ ତ୍ୟାଗୀ ଓ ଡାଟା ▶▶ପୃଷ୍ଠା ୭

ଦଳର ଅସ୍ତିତ୍ୱକୁ ବଂଚାଇବା ପାଇଁ ଓଡିଶା ବନ୍ଦ ଡାକରା ଦେଇଥିଲା କଂଗ୍ରେସ : ବିଜେପି

ଭୁବନେଶ୍ୱର,୧୫।୦୨ (ନି.ପ୍ର): ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି, ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ କଂଗ୍ରେସ ଦଳ ପାଇଁ ପ୍ରସଙ୍ଗ ନୁହେଁ । ରାଜ୍ୟରେ ଭୋଟ୍ ପ୍ରତିଶତ କମିବା ଏବଂ ଦଳର ଅନ୍ତକନ୍ଦଳ ହାଟରେ ପଡି ଦାଣ୍ଡରେ ଗଡିବା କଂଗ୍ରେସର ମୁଣ୍ଡ ବ୍ୟଥାର କାରଣ ହୋଇଛି । ଦଳର ଅସ୍ତିତ୍ୱକୁ ବଂଚାଇବା ପାଇଁ ଆଜି ଏ ବନ୍ଦ ଡାକରା ଦିଆଯାଇଛି । କଂଗ୍ରେସ ରାଜନୈତିକ ଦଳ ଭାବେ ନିନ୍ଦିତ ଅବସ୍ଥାରେ ରହିବା ଓ ଅଡୁଆରୁ ମୁକୁଳିବା ପାଇଁ ଜନ ସ୍ୱାର୍ଥର ମିଛ ଆନ୍ଦୋଳନର ଡାକରା ଦେଇଛି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଡ.ସାମନ୍ତସିଂହାର କହିଛନ୍ତି ଯେ,

ଅଶୋଧିତ ତୈଳର ମୂଲ୍ୟ ଅନ୍ତରାଷ୍ଟ୍ରୀୟ ବଜାରରେ ଯେତିକି କମିଲା ସେତିକି ମୂଲ୍ୟ ଖାଉଟି ମାନଙ୍କ ପାଇଁ କମ୍ କରିବାର ଦାବି ସମ୍ପୂର୍ଣ୍ଣ ଅମୂଳକ । ଅଶୋଧିତ ତୈଳର ମୂଲ୍ୟ ଯେତିକି କମିଲା ସେତିକି ପେଟ୍ରୋଲ ଓ ଡିଜେଲର ମୂଲ୍ୟ କମିବା ତଥ୍ୟଭିତିକ ନୁହେଁ। ରାଜ୍ୟ ସରକାର କେନ୍ଦ୍ରୀୟ ଟିକସରୁ ୪୧ ପ୍ରତିଶତ ଅର୍ଥ ପାଉଥିବା ବେଳେ ପୂର୍ବରୁ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲରୁ ୨୬ ପ୍ରତିଶତ ଟିକସ ପାଉଥିଲେ ଏବଂ ଏବେ ▶▶ପୃଷ୍ଠା ୭

ଭୁବନେଶ୍ୱରରୁ ଲେଡି ଡନ୍ ଗିରଫ

ଭୁବନେଶ୍ୱର,୧୫।୦୨ (ନି.ପ୍ର): ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଆଜାଦ ନଗରରୁ ଜଣେ ଲେଡି ଡନ୍ ଙ୍କୁ ଗିରଫ କରିଛି ପୋଲିସ୍ । ଗିରଫ ମହିଳା ଜଣକ ହେଲେ ଆସମା ବିବି। ସେ ଆଜାଦ ନଗରରେ କଙ୍ଗାରୁ କୋର୍ଟ ଚଳାଇଥିଲେ। ଛେଳି ଚୋରି ଅଭିଯୋଗରେ ୨ ବ୍ୟକ୍ତିଙ୍କୁ ମାରପିଟ୍ କରିଥିଲେ ଏବଂ ହାତ ବାନ୍ଧି ରାସ୍ତାରେ ଚଲାଇ ଚଲାଇନେଉଥିଲେ। ଖବର ପାଇ ସେମାନଙ୍କୁ ଉଦ୍ଧାର କରିବାକୁ ପୋଲିସ୍ ପହଂଚିବାରୁ ମହିଳା ଜଣକ ଗାଳିଗୁଲଜ କରିବା ସହ ମହିଳା ପୋଲିସ୍ ଙ୍କୁ ଆକ୍ରମଣ କରିଥିଲା । ପରେ ପୋଲିସ୍ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

୧୭ରେ ଏନଟିଏଲଏଫକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୫।୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନାସକମ ଟେକ୍ନୋଲୋଜି ଏବଂ ଲିଡରସିପ ମଂଚ(ଏନଟିଏଲଏଫ)କୁ ଆସନ୍ତା ଫେବୃଆରୀ ୧୭,ମଧ୍ୟାହ୍ନ ୧୨:୩୦ ସମୟରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରିବେ । ଏନଟିଏଲଏଫର ୨୯ ତମ ଅଧିବେଶନ ୧୭ ରୁ ୧୯ ଫେବୃଆରୀ ୨୦୨୧ ମଧ୍ୟରେ ଆୟୋଜିତ ହେଉଛି । ଏହା ହେଉଛି ନ୍ୟାସନାଲ ଆସୋସିଏସନ ଅଫ ସଫ୍ଟୱେୟାର ଆଣ୍ଡ ସର୍ଭିସ କମ୍ପାନୀ ଏନଏଏସଏସସିଓଏମ

(ନାସକମ)ଧ ଗୁଡିକର ଫ୍ଲାଗସିପ କାର୍ଯ୍ୟକ୍ରମ । ଏହି ବର୍ଷର କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି 'ଭବିଷ୍ୟତକୁ ଉତମ ଢଙ୍ଗରେ ଗଢି ତୋଳିବା'। ଏହି କାର୍ଯ୍ୟକ୍ରମରେ ୩୦ ରୁ ଅଧିକ ଦେଶରୁ ୧୬୦୦ ଅଂଶଗ୍ରହଣକାରୀ ଭାଗ ନେବେ ଏବଂ ତିନି ଦିନିଆ ଆଲୋଚନା ସମୟରେ ୩୦ ରୁ ଅଧିକ ଉତ୍ପାଦ ପ୍ରଦର୍ଶିତ ହେବ ।

କଟକ ଅତ୍ୟାଧୁନିକ ବସ ଟର୍ମିନାଲ ମାମଲାକୁ ଖାରଜ କଲେ ହାଇକୋର୍ଟ

କଟକ,୧୫।୦୨ (ନି.ପ୍ର): କଟକ ଅତ୍ୟାଧୁନିକ ବସ ଟର୍ମିନାଲ ମାମଲାକୁ ଖାରଜ କଲେ ହାଇକୋର୍ଟ । ବର୍ତ୍ତମାନ ସମୟରେ ଏହି ପ୍ରକଳ୍ପ ନେଇ ସମସ୍ତ ବିଷୟ ଚୂଡାନ୍ତ ହୋଇନାହିଁ । ରାଜ୍ୟସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ କୋର୍ଟରେ ଯୁକ୍ତି ରଖିଥିଲେ । ବସ ଟର୍ମିନାଲ ନିର୍ମାଣ ହେଲେ ବିଭିନ୍ନ ସମସ୍ୟା ହେବ ବୋଲି ଆବେନକାରୀ ଦର୍ଶାଇଥିଲେ ଥିଲେ । ଗତ ଫେବୃଆରୀ ୨ ତାରଖରେ ବସ ଟର୍ମିନାଲ ନିର୍ମାଣ କାର୍ଯ୍ୟରେ ଅଙ୍କୁଶ ଲଗାଇଥିଲେ ହାଇକୋର୍ଟ । ବସ ଟର୍ମିନାଲ ପାଇଁ ଚିହ୍ନଟ ଜମିରୁ କିଛି ଅଂଶ ମନ୍ଦିର ଜମି ରହିଛି । ଚିହ୍ନଟ ମନ୍ଦିର ଜମି

ଉପରେ ସ୍ଥିତାବସ୍ଥା ଜାରି କରିଥିଲେ କୋର୍ଟ । ୧୧ ଏକର ଜମିରୁ ୩ ଏକର ଜମି ମନ୍ଦିରର ରହିଛି ବୋଲି କୁହାଯାଇଥିଲା । ଏନେଇ ହାଇକୋର୍ଟରେ ମାମଲା ଶୁଣାଣି ହୋଇଥିଲା । କଟକର ଖାନନଗର ଠାରେ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ଏଥିରେ ୬୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଘୋଷଣା ସରିଛି । ମହାନ୍ ସଂଗ୍ରାମୀ ନେତାଜୀ ସୁଭାଷ ବୋଷଙ୍କ ନାମରେ ଏହି ଅତ୍ୟାଧୁନିକ ବସ୍ ଟର୍ମିନାଲକୁ ନାମିତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା ।

ବାଲେଶ୍ୱରରେ କଂଗ୍ରେସର ଶାନ୍ତିପୂର୍ଣ୍ଣ ବନ୍ଦ ପାଳିତ

ବାଲେଶ୍ୱର,୧୫।୦୨ (ନି.ପ୍ର): ତୈଳଦର ବୃଦ୍ଧି, ନୂତନ କୃଷି ଆଇନ ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ବିରୋଧରେ ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ଆହ୍ୱାନ କ୍ରମେ ସମଗ୍ର ଓଡ଼ିଶାରେ ସୋମବାର ୬ ଘଣ୍ଟିଆ ବନ୍ଦ ପାଳିତ ହୋଇଥିବା ବେଳେ ବାଲେଶ୍ୱର ଜିଲାରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଥିଲା । କଂଗ୍ରେସ କର୍ମୀଙ୍କ ପକ୍ଷରୁ ଶାନ୍ତି ଶୃଙ୍ଖଳାର ବନ୍ଦ ପାଳିତ

ହୋଇଥିଲେ ବି ଏଥିରେ ଜନଜୀବନ ପ୍ରଭାବିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ସକାଳ ୭ଟାରୁ କଂଗ୍ରେସ କର୍ମୀ ଓ ନେତାମାନେ ସହରର ଷ୍ଟେସନ ଛକ ନିକଟରେ ସମ୍ମିଳିତ ହୋଇ ରସ୍ତା ଯାଉଥିବା ଗାଡିଗୁଡିକୁ ଅଟକାଇଥିଲେ । ଫଳରେ କାଁଭାଁ ଦୁଇଚକିଆ ଯାନବାହାନ ରାସ୍ତାରେ ଯାଉଥିଲେ ବି ବସ, ଟ୍ରକ, ଟ୍ରେକର ପ୍ରଭୃତି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏମିତିକି ବସ ଚଳାଚଳ ବନ୍ଦ ରହିବା ଫଳରେ ସହଦେବଖୁଣ୍ଟା ଷ୍ଟାଣ୍ଡରେ ଅପେକ୍ଷାରତ ବହୁ ଯାତ୍ରୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। କର୍ମୀମାନେ ଦଳ ଦଳ ହୋଇ ସହରର ବିଭିନ୍ନ ଅଞ୍ଚଳ ବୁଲି ଦୋକାନ ବଜାର ବନ୍ଦ କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ ଟା ବେଳେ କର୍ମୀମାନେ କୋର୍ଟ, ବ୍ୟାଙ୍କ ସମେତ ସହରର ସମସ୍ତ ସରକାରୀ ଓ ବେସରକାରୀ ଅଫିସ ଆଗରେ ପିକେଟିଂ କରିବା ▶▶ପୃଷ୍ଠା ୭

ଜିଲ୍ଲା ଯୋଜନା କମିଟି ବୈଠକ : ଯୋଜନା କାର୍ଯ୍ୟକାରୀ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

ବାଲେଶ୍ୱର,୧୫।୨ (ନି.ପ୍ର): ଜିଲା ଯୋଜନା କମିଟିର ବୈଠକ ଜିଲା ପରିଷଦ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ଏଥିରେ ଅଧ୍ୟକ୍ଷତା କରିବା ସହିତ ଜିଲା ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ବୈଠକ ପ୍ରାରମ୍ଭରେ ଜିଲା ଯୋଜନା କମିଟିକୁ ନୂତନ ଭାବେ ନିର୍ବାଚିତ ହୋଇଥିବା ଜିଲା ପରିଷଦ ସଦସ୍ୟ/ସଦସ୍ୟାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା । ପରେ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଜିଲାର ବିଭିନ୍ନ ଅଞ୍ଚଳରେ ଖର୍ଚ୍ଚ ପାଇଁ ୨୫ଟି ବିଭାଗ ପକ୍ଷରୁ ପ୍ରାୟ ୨୦୦୧କୋଟି ଟଙ୍କାର ଯୋଜନା ଅଟକଳ ପ୍ରସ୍ତୁତ ହୋଇଥିବା ନେଇ ବୈଠକରେ ସୂଚନା ଦିଆଯିବା ସହିତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଏବଂ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । କେନ୍ଦ୍ର ପଶୁପାଳନ, ଦୁଗ୍ଧ ଓ ମତ୍ସ୍ୟ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ଜିଲ୍ଲା ପରିଷଦ ସଭାପତି ନିବେଦିତା ମହାନ୍ତି, ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜଳେଶ୍ୱର ବିଧାୟକ ପ୍ରତିନିଧି ମାନସ ଜେନା, ରେମୁଣା ବିଧାୟକ ପ୍ରତିନିଧି ଶ୍ରୀ ପ୍ରଭାତ କୁମାର ବିଶ୍ୱାଳ, ଅତିରିକ୍ତ ଜିଲାପାଳ ସମ୍ମିତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ଜିଲ୍ଲା ଯୋଜନା କମିଟିର ସଦସ୍ୟ-ସଦସ୍ୟା, ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇ ବିଭିନ୍ନ କ୍ଷେତ୍ର ଲାଗି ପ୍ରସ୍ତୁତ ହୋଇଥିବା ଯୋଜନାର ଅଟକଳ ଏବଂ ବିଗତ ବର୍ଷମାନଙ୍କରେ ହୋଇଥିବା ଅନୁଦାନ ଖର୍ଚ୍ଚ ସମ୍ପର୍କରେ ଆଲୋଚନା କରିଥିଲେ । କମିଟି ଅଧ୍ୟକ୍ଷ ତଥା ମାନ୍ୟବର ଭୋଗରାଇ ବିଧାୟକ ଅନନ୍ତ ଦାସ ଯୋଜନାର ସଫଳ ରୂପାୟନ ପୂର୍ବକ ଜିଲ୍ଲାକୁ ପ୍ରଗତିର ଶୀର୍ଷରେ ପହଂଚାଇବାକୁ ଆହ୍ୱାନ ଦେଇଥିଲେ । ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଶ୍ରୀ ଷଡଙ୍ଗୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯୋଜନାକୁ କାର୍ଯ୍ୟକାରୀ କରାଯିବା ଏବଂ ପାଣ୍ଠିର ସଫଳ ବିନିଯୋଗ ସହ ସମୟାନୁସାରେ ବିନିଯୋଗ ପ୍ରମାଣପତ୍ର ଦାଖଲ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରେ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ତୃଣମୂଳ ସ୍ତରରେ ଯୋଜନାର ରୂପରେଖ ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ ଉପରେ ମତପ୍ରକାଶ ପାଇଥିଲା । ବିଶେଷ କରି ମତ୍ସ୍ୟ ଚାଷ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ରାସ୍ତା ଓ ଗୃହ ନିର୍ମାଣ, କୃଷି କ୍ଷେତ୍ରରେ ହେଉଥିବା ବିଭିନ୍ନ ଯୋଜନାର ସୁଫଳ ଚାଷୀ ମାନଙ୍କ ନିକଟରେ ପହଂଚାଇବା, ସର୍ବଶିକ୍ଷା ଅଭିଯାନର କାର୍ଯ୍ୟକାରିତା, ସମବାୟ, ପଶୁପାଳନ, ଗ୍ରାମୀଣ ଆବାସ ଯୋଜନାରେ ହିତାଧିକାରୀମାନଙ୍କୁ ଧାର୍ଯ୍ୟ ସମୟରେ ପ୍ରୋତ୍ସାହନ ରାଶି ପ୍ରଦାନ, ସାଂସଦ ଏବଂ ବିଧାୟକ ପାଣ୍ଠିର ସୁବିନିଯୋଗ, ଜିଲ୍ଲାରେ ଜାରି ରହିଥିବା ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଜଳସେଚନ ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ କରିବା, ବିଦ୍ୟୁତକରଣ ଯୋଜନାର ସୁଫଳ ହିତାଧିକାରୀଙ୍କ ନିକଟରେ ପହଂଚାଇବା, ହସ୍ତତନ୍ତ ଏବଂ କ୍ଷୁଦ୍ର ଶିଳ୍ପର ବିକାଶ, ପାନୀୟ ଜଳ ଯୋଗାଣ, ସମାଜ ମଙ୍ଗଳ ଯୋଜନା କାର୍ଯ୍ୟକାରୀ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଉପ-ନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ସବ୍ୟସାଚୀ ଦତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଡିଆରଡିଏ ପିଡି ଶ୍ରୀ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ନିଆରା ସଂଗ୍ରାହକ ଅଜୟ : ପେଶା ଦିନ ମଜୁରିଆ, ନିଶା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ମୁଦ୍ରା ସଂଗ୍ରହ

ଭୁବନ,୧୫।୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ପଂଚାୟତ ଆଦିପୁରା ଗ୍ରାମର ସ୍ୱର୍ଗତ ବସନ୍ତ ପାତ୍ରଙ୍କ ପୁଅ ଅଜୟ ପାତ୍ର(୩୦) ଜଣେ ନିଆରା ସଂଗ୍ରାହକ । ଅନୁସୂଚୀତ ଜାତି ପରିବାରରେ ଜନ୍ମିତ ଅଜୟ ଆର୍ଥିକ ଅନାଟନରେ ମାଟ୍ରିକ ଯାଏ ପାଠ ପଢିବାକୁ ସକ୍ଷମ ହୋଇଛନ୍ତି । ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରି ପରିବାର ଚଳାଉଥିବା ତାଙ୍କ ବାପାଙ୍କ ଦେହାନ୍ତ ପରେ ପେଟ ପୋଷିବା ପାଇଁ ଦୈନିକ ମୂଳ ମଜୁରୀ କରିବାକୁ ବାଧ ହେଲେ ଅଜୟ । ଦୈନିକ ଖବରକାଗଜ ପଢିବା,ଟେଲିଭିଜନ ଦେଖି ଦେଶ ବିଦେଶର ଖବର ଜାଣିବା ସହିତ ଖବରକାଗଜରେ ପ୍ରକାଶିତ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ସଂଗ୍ରହ କରି ରଖୁରଖୁ ଜଣେ ସଂଗ୍ରାହକ ପାଲଟିଗଲେ । ରାଜନୀତି ହେଉ କି ଅର୍ଥନୀତି ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ପେପର କଟିଂ/ନ୍ୟୁଜ କ୍ଲିପିଂ ସାଇତି ରଖିଛନ୍ତି । ତା ସାଙ୍ଗକୁ ବହୁ ପୁରୁଣା କାଳିଆ ମୁଦ୍ରା ଠାରୁ ବର୍ତମାନର ମୁଦ୍ରା ପର୍ଯ୍ୟନ୍ତ ମଧ୍ୟ ସାଇତି ରଖିଛନ୍ତି ଅଜୟ । ବିଜୁ ପଟ୍ଟନାୟକ, ହରେକୃଷ୍ଣ ମହାତାବ,ଇନ୍ଦିରା ଗାନ୍ଧି,ନନ୍ଦିନୀ ଶତପଥି ଙ୍କ ଠାରୁ ଅଟଳ ବିହାରୀ ବାଜପେୟୀ,ଜବାହର ଲାଲ ନେହେରୁ,ଲୌହ ପୁରୁଷ ସର୍ଦ୍ଦାର ପଟେଲ,ନେତାଜୀ ସୁଭାଷ ବୋଷ,ଭାରତର ଶିଳ୍ପ ଜନକ ଜାମସେଦଜୀ ଟାଟା ଙ୍କ ଜୀବନୀ ସଂପର୍କିତ ଲେଖା /ଆଲେଖ୍ୟକୁ ସଂଗ୍ରହ କରି ରଖିବା ସହ ଯୁବବର୍ଗ ଓ ବିଶେଷକରି ଛାତ୍ରଛାତ୍ରୀ ଙ୍କୁ ଦେଖାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ପ୍ରବର୍ତାଉଛନ୍ତି । ଜଣେ ଦିନ ମଜୁରିଆ ହେଲେ ମଧ୍ୟ ତାଙ୍କର ଏହି ନିଆରା ତଥ୍ୟ ସଂଗ୍ରହକୁ ବୁଦ୍ଧିଜୀବୀ ମହଲ ଉଚ୍ଚ ପ୍ରଶଂସା କରୁଛନ୍ତି । ଭବିଷ୍ୟତରେ ନିଜସ୍ୱ ଉଦ୍ୟମରେ ଏକ ସଂଗ୍ରହାଳୟ କରିବାକୁ ଯୋଜନା ରଖିଛନ୍ତି ବୋଲି କୁହନ୍ତି ଅଜୟ ।

ସୁମିତ୍ରା ଫାଉଣ୍ଡେସନ ତରଫରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୧୫।୨ (ନି.ପ୍ର): ସୁମିତ୍ରା ଫାଉଣ୍ଡେସନ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ ସୁମିତ୍ରା ଏ ରଟେନମେଂଟ ଓ ଆଚାର୍ଯ୍ୟ ବିହାର ପରିଷଦ । ଏହି ରକ୍ତଦାନ ଶିବିରକୁ ଓଡ଼ିଶାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ ଫିତା କାଟିଥିଲେ । ଫନ୍ ଆଣ୍ଡ ଫିଟନେସ କ୍ଲବର ସମସ୍ତ ସଦସ୍ୟ ସଦସ୍ୟା ଯୋଗଦେଇ ରକ୍ତଦାନ ଶିବରକୁ ସହଯୋଗ କରିଥିଲେ । ସୁମିତ୍ରା ଏ ରଟେନମେଂଟ ବ୍ୟାନରରେ ନିର୍ମିତ ଚଳଚ୍ଚିତ୍ର ମନ ମୋର କାଗଜ ଗୁଡ଼ିର ଅଭିନେତା ରାକେଶ ସିଂହଦେଓ, ପ୍ରଯୋଜକ ଶିବିର କୁମାର ପରିଡ଼ା ଓ ସହ ପ୍ରଯୋଜକ ବିବେକାନନ୍ଦ ବାରିକ, ନିର୍ଦ୍ଦେଶକ ଦେବଜ୍ୟୋତି ପାତ୍ର ଏହି ରକ୍ତଦାନ ଶିବରକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସଫଳ କରାଇଥିଲେ । ଏହା ସୁମିତ୍ରା ଏ ରଟେନମେଂଟର ଥିଲା ଏକ ଅଭିନବ ପ୍ରୟାସ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ପୁଷ୍ପାଞ୍ଜଳି ଦାସ, ଶିଶିର କୁମାର ମହାପାତ୍ର, ଭାଗବତ ଦାସ, ସିଦ୍ଧାର୍ଥ ଦାସ, ବିମଳ ଦାସ, ଅମରେଶ ଦାସ, ଅଜିତ ସାହୁ, ସୌମ୍ୟରଞ୍ଜନ ପାତ୍ର, ମୁନା ମିଶ୍ର ଓ ବିବେକ ଲିପୁ ପ୍ରମୁଖ ଉପସ୍ଥିତ ଥିଲେ । ରକ୍ତଦାନ ଶିବିରରେ ସର୍ବମୋଟ ୫୬ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

ରାଜ୍ୟରେ ସେଂଚୁରୀ ମାରିବାକୁ ବସିଲାଣି ତେଲ ଦର : ପ୍ରତିଦିନ ବଢ଼ିଚାଲିଛି ପେଟ୍ରୋଲ ଓ ଡିଜେଲ ଦାମ

ଭୁବନେଶ୍ୱର,୧୫।୨ (ନି.ପ୍ର): ପ୍ରତିଦିନ ବଢୁଛି ପେଟ୍ରୋଲ ଓ ଡିଜେଲ ଦାମ୍ । ସକାଳୁ ଉଠୁ ଉଠୁ ବଢ଼ିଯାଉଛି ପେଟ୍ରୋଲ ଦର । ସବୁ ଦିନ ତେଲ ଦରରେ ହେଉଛି ନୂଆ ନୂଆ ରେକର୍ଡ । ମାଲକାନଗିରିର କାଲିମେଳାରେ ସର୍ବାଧିକ ରହିଛି ତେଲ ଦର । ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୯୧ ପଇସା, ଡିଜେଲ୍ ଲିଟର ପିଛା ୯୧ ଟଙ୍କା ୩୯ ପଇସା ରହିଛି । ମାଲକାନଗିରି ସଦର ମହକୁମାରେ ପେଟ୍ରୋଲ ୯୪ ଟଙ୍କା ଉପରେ ରହିଥିବା ବେଳେ ୯୦ ଟଙ୍କା ଉପରେ ରହିଛି ଡିଜେଲ ଲିଟର । ଉପାନ୍ତ ଜିଲ୍ଲା, ସଦର ମହକୁମା ଠାରୁ ଦୂର ଇଲାକାରେ ତେଲ ଦର ଅଧିକ ହୋଇଛି । ନବରଙ୍ଗପୁର, ଜୟପୁରରେ ୯୩ ଟଙ୍କା ଉପରେ ପେଟ୍ରୋଲ ବିକ୍ରି ହୋଇଛି । ଡିଜେଲ ମଧ୍ୟ ମହଙ୍ଗା ହୋଇଛି । ବ୍ରହ୍ମପୁରରେ ମଧ୍ୟ ୯୦ ଟଙ୍କା ଉପରକୁ ଉଠିଛି ପେଟ୍ରୋଲ । ସମ୍ବଲପୁର, ସୁନ୍ଦରଗଡ଼, କଟକ ଓ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ୯୦ ଟଙ୍କା ପାଖାପାଖି ବିକ୍ରି ହେଉଥିବା ବେଳେ ୮୬ ଟଙ୍କା ଉପରେ ରହିଛି ଡିଜେଲ୍ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦିଲ୍ଲୀ ଓ ମୁମ୍ବାଇ ଠାରୁ ମଧ୍ୟ ଓଡିଶାର କିଛି ସହରରେ ତେଲ ଦର ବଢିଯାଇଛି । ସ୍ଥିତି ଏମିତି ହୋଇଛି, ଯେ ତେଲ ଦର ଉପରେ ଏବେ ରୋକ ନଲାଗିଲେ, ଆଉ ଅଳ୍ପ ଦିନ ଭିତରେ ପେଟ୍ରୋଲ ଲିଟର ପିଛା ଶହେ ଟଙ୍କା ଛୁଇଁପାରେ । ଏପରି ଦରବୃଦ୍ଧିକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ନୂଆବର୍ଷରୁ ଆଜି ସୁଦ୍ଧା ଅର୍ଥାତ୍ ୪୫ ଦିନ ମଧ୍ୟରେ ୧୮ ଥର ବଢ଼ିଗଲାଣି ତେଲ ଦର । ଏହି ସମୟ ମଧ୍ୟରେ ଉଭୟ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ପ୍ରାୟ ୫ଟଙ୍କା ବୃଦ୍ଧି ପାଇସାରିଲାଣି । ଗତବର୍ଷ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମିବା ପରେ କରୋନା ମହାମାରୀର ଆଳ ଦେଖାଇ ରାଜସ୍ୱ ବୃଦ୍ଧି ପାଇଁ ଟିକସ ବଢ଼ାଇଥିଲେ ସରକାର । ଏବେ କିନ୍ତୁ ଅଶୋଧିତ ତେଲ ଦର ବଢ଼ିଛି, କିନ୍ତୁ ଟିକସ କମାଇନାହାନ୍ତି ସରକାର । ଏପଟେ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବୃଦ୍ଧି ଦର୍ଶାଇ ମନଇଚ୍ଛା ତେଲ ଦର ବଢ଼ାଇ ଚାଲିଛନ୍ତି ତୈଳ କଂପାନୀ । ୨୦୧୭ ଜୁନ ମାସରୁ ପ୍ରାୟ ପ୍ରତିଦିନ ସକାଳେ ୬ଟାରେ ତେଲ ଦର ସଂଶୋଧନ କରାଯାଉଛି । ଅନ୍ତର୍ଜାତୀୟ ବଜାର ଓ ଟଙ୍କାର ବିନିମୟ ମୂଲ୍ୟ ଆଧାରରେ ତେଲ ଦର ଦୈନିକ ସଂଶୋଧନ ହୋଇଥାଏ । ହେଲେ ଅଶୋଧିତ ତେଲ କେତେ ଟଙ୍କା ଦେଇ କଂପାନୀଗୁଡିକ କିଣୁଛନ୍ତି, କେତେ ଟଙ୍କା ବିଶୋଧନ ପାଇଁ ଖର୍ଚ୍ଚ ହେଉଛି, ତାହା ଜଣାଉନାହାନ୍ତି ତେଳ କଂପାନୀ ।

ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୋରେଇ,୧୫।୨ (ନି.ପ୍ର): କୋରାଇ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ପଥରପଦା ପଂଚାୟତର ଦାମୋଦରପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁ ମୋହନ ବେହେରା ଗତ ଜାନୁଆରୀ ମାସ ୩୧ ତାରିଖ ଦିନ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ଆଜି ସ୍କୁଲ ଗୃହରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ୟାମ ସୁନ୍ଦର ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରୀ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସ୍ୱରୂପ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଉକ୍ତ ସଭାରେ ପରିଚାଳନା କମିଟିର ସଦସ୍ୟ ଜିତେନ କୁମାର ରଥ, ବିଷ୍ଣୁ ଚରଣ ସାହୁ, ଅଶୋକ କୁମାର ଲେଙ୍କା, ଅନାଦୀ ସାହୁ, ଗଣେଷ ଲେଙ୍କା, ଶାନ୍ତନୁ ପାଢୀ,ଶ ଙ୍କର ଲେଙ୍କା, ମଧୁସୂଦନ ସାହୁ ଓ ଶିକ୍ଷକ ନିତ୍ୟାନନ୍ଦ ମଲିକ, ସଦାଶିବ ମଲିକ, ସଂଗ୍ରାମ କେଶରୀ ମଲିକ, ସତ୍ୟଭାମା ସିଂ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ବେହେରା ୧୯୯୦ ମସିହାରୁ ଶିକ୍ଷକତା ଆରମ୍ଭ କରି ମଣିପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୧୫ ବର୍ଷ ଶିକ୍ଷାଦାନ କରିବା ପରେ ଦାମୋଦରପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାସ ପରିଚାଳନା କରିଥିବା ବେଳେ କ୍ଷେତ୍ରବାସୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଶିକ୍ଷାର ହିତ ପାଇଁ ଶିକ୍ଷକମାନେ କାର୍ଯ୍ୟ କରନ୍ତୁ : ମହେନ୍ଦ୍ର କପୁର

ଭୁବନେଶ୍ୱର,୧୫।୨ (ନି.ପ୍ର): ଶିକ୍ଷାର ହିତସାଧନ ଦିଗରେ ଶିକ୍ଷକମାନେ ନିଷ୍ଠାପର ଭାବରେ କାର୍ଯ୍ୟ କରିବା ପାଇଁ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ସଂଗଠନ ସମ୍ପାଦକ ମହେନ୍ଦ୍ର କପୁର ଆହ୍ୱାନ ଦେଇଛନ୍ତି । ଶିକ୍ଷକମାନେ ନିଷ୍ଠାର ସହ କାର୍ଯ୍ୟ କଲେ ସମାଜ ସେମାନଙ୍କର ମଙ୍ଗଳବିଧାନ ପାଇଁ ଆଗେଇଆସିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।
ଏକ ଚାରିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମହେନ୍ଦ୍ର କପୁର ଗତକାଲି ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଦୁଇଟି ଶିକ୍ଷକ ସମାବେଶରେ ଉଦବୋଧନ ଦେଇଥିଲେ । ରାଷ୍ଟ୍ର ନିର୍ମାଣରେ ଶିକ୍ଷକମାନଙ୍କର ଭୂମିକା ବର୍ଣ୍ଣନା କରି ସେମାନେ କର୍ତ୍ତବ୍ୟ ସମ୍ପାଦନ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ । ଠିକ ଭାବରେ କାର୍ଯ୍ୟକାରୀ ହେଲେ ଜାତୀୟ ଶିକ୍ଷାନୀତି-୨୦୨୦ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଶ୍ରୀ କପୁର ମତବ୍ୟକ୍ତ କରିଥିଲେ । ଉଭୟ ସମାବେଶରେ ପୁସାସ୍ଥିତ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଉଚ୍ଚଶିକ୍ଷା ଶାଖାର ପ୍ରଭାରୀ ମହେନ୍ଦ୍ର କୁମାର, ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି, ଓଡ଼ିଶା ରାଜ୍ୟ ଶାଖାର ଆବାହକ ଡକ୍ଟର ପବିତ୍ର କୁମାର ରଥ ପ୍ରମୁଖ ଉଦବୋଧନ ଦେଇଥିଲେ ।

ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଲୁଲୁ ମହାପାତ୍ରଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର ,୧୫।୨ (ନି.ପ୍ର): ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ତରଫରୁ ଦିବଗଂତ କଂଗ୍ରେସ ନେତା ଶ୍ରୀଯୁକ୍ତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର (ଲୁଲୁ)ଙ୍କ ୫୭ତମ ଜନ୍ମଦିବସ ପାଳନ କରାଯାଇଅଛି । ସ୍ଥାନୀୟ ୟୁନିଟ୍ – ୯ ସ୍ଥିତ ଲୋହିଆ ଏକାଡେମୀ ସମ୍ମିଳନୀ କକ୍ଷରେ ସ୍ମୃତି କମିଟି ଅଧକ୍ଷ ଶ୍ରୀ ଶୁଭେନ୍ଦୁ ମହାନ୍ତି ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଲୁଲୁ ମହାପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଉଦ୍‌ଘାଟନ କରିଥିଲେ ।ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ଫଂଚାନନ କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଲୁଲୁ ମହାପାତ୍ର ମରିନାହାନ୍ତି ଅମର ହୋଇ ଛାତ୍ର ଯୁବ ସମାଜଙ୍କ ହୃଦୟରେ ସ୍ଥାନ ନେଇଛନ୍ତି । ତାଙ୍କ ଛାତ୍ର ଜୀବନ କାଳରେ ଛାତ୍ର ସଂଗଠନର ଦାୟିତ୍ୱ ନେଇ ଛାତ୍ର ସମାଜକୁ ଆଗେଇ ନେବାରେ ତାଙ୍କର ବଳିଷ୍ଠ ନେତୃତ୍ୱ ଏବେବି ମନେପଡୁଛି । ମୁଖ୍ୟବକ୍ତା ଭାବେ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ଲୁଲୁ ମହାପାତ୍ର ଦେଖିଥିବା ସ୍ୱପ୍ନକୁ କଂଗ୍ରେସ ସାକାର କରିବ । ରାଜ୍ୟରେ ଲୁଲୁ ମହାପାତ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ଯୁବନେତା ମାନଙ୍କ ଦ୍ୱାରା କଂଗ୍ରେସ ସରକାର ଗଢ଼ିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସମ୍ମାନୀତ ଅତିଥି ଭାବେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗ ଦେଇ କହିଲେ ଲୁଲୁ ମହାପାତ୍ର ଝଡ଼ର ଇଗଲ ଥିଲେ କେବଳ ଓଡ଼ିଶାର ନେତା ନଥିଲେ ସେ ସାରାଭାରତ ବର୍ଷର ଜନମାନସର ନେତା ଥିଲେ ବୋଲି ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦ ଓଡ଼ିଶା ପ୍ରତି ଲୁଲୁଙ୍କ ଅବଦାନ ବିଷୟରେ ରାଜ୍ୟସଭାରେ ବର୍ଣ୍ଣନା କରିଥିବା କଥା ପ୍ରମାଣିତ କରୁଛି । ପୂର୍ବତନ ମନ୍ତ୍ରୀ ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଲେ ୧୯୯୫ ମସିହାରେ କଂଗ୍ରେସ ସରକାରକୁ ଆସିବାରେ ଲୁଲୁଙ୍କ ଅବଦାନ ଅତୁଳନୀୟ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଦେଶସେବାରେ ନିୟୋଜିତ କରିଥିବା ୬ଜଣ ଯୁବକ ଯୁବତୀମାନଙ୍କୁ ଲୁଲୁ ମହାପାତ୍ର ଯୁବ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ସମାଜ ସେବା କ୍ଷେତ୍ରରେ ଆଚାର୍ଯ୍ୟ ଅରୁଣ, ମହାମାରୀ କରୋନା ସମୟରେ ଉଲ୍ଲେଖନୀୟ ସ୍ୱାସ୍ଥ୍ୟ ସେବାପାଇଁ ସେବିକା ମଇନା ବାସ୍କେ, ଯୁବ ସାମ୍ବାଦିକ ବିରେନ୍ଦ୍ର ନାୟକ, ଟ୍ରାଫିକ ସେବାରେ ଅଜୟ କୁମାର ପ୍ରଧାନ, ଯୁବ ଚାଷୀଭାବେ ଅଶୋକ କୁମାର ସାମଲ, ଓଡ଼ିଶୀ ନୃତ୍ୟ ଶିଳ୍ପି ଶ

ତ୍ୱଚାରେ ଚମକ ଆଣେ ଅଙ୍ଗୁର ଫେଶ୍ ପ୍ୟାକ୍

ଅଙ୍ଗୁରରେ ରହିଛି ଭିଟାମିନ୍ 'ସି' ଓ ଭିଟାମିନ୍ 'କେ', ଯାହା ସ୍କିନ୍ ସେଲ୍‌କୁ ସୁସ୍ଥ ରଖି ମୁହଁକୁ ଉଜ୍ଜ୍ୱଳ କରିଥାଏ । ତେଣୁ ଆପଣ ଚାହିଁଲେ ଉଜ୍ଜ୍ୱଳ ତ୍ୱଚା ପାଇଁ ଅଙ୍ଗୁରର ଫେଶ୍ ପ୍ୟାକ୍ ପ୍ରସ୍ତୁତ କରି ଲଗାଇ ପାରିବେ ।

ତେଲିଆ ହେଉ କିମ୍ବା ଶୁଷ୍କ, ସବୁ ତ୍ୱଚା ପାଇଁ ଅଙ୍ଗୁର ଫେଶ୍ ପ୍ୟାକ୍ ଉପକାରୀ । ତ୍ୱଚାରୁ ଡେଡ୍ ସେଲ୍ ବାହାର କରିବାରେ ଏହି ପ୍ୟାକ୍ ସାହାଯ୍ୟ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା ଅଙ୍ଗୁର ଫେଶ୍ ପ୍ୟାକ୍‌ର ପ୍ରସ୍ତୁତି ଓ ଏହାର ବ୍ୟବହାର ବିଷୟରେ ।

♦ ଖରା ଯୋଗୁଁ ତ୍ୱଚା ଲାଲ୍ କିମ୍ବା ଶୁଷ୍କ ହେଉଥିଲେ, ଅଙ୍ଗୁର ଫେଶ୍ ପ୍ୟାକ୍ ମୁହଁରେ ଲଗାନ୍ତୁ । ଏହି ପ୍ୟାକ୍ ପ୍ରସ୍ତୁତ କରିବା ପାଇଁ ସବୁଜ କିମ୍ବା କଳା ରଙ୍ଗର ଅଙ୍ଗୁରକୁ ଗ୍ରାଇଣ୍ଡିଂ କରି ସେଥିରେ କିଛି ଗୋଲାପ ଜଳ ମିଶାନ୍ତୁ । ଭଲ ଭାବରେ ଏହି ମିଶ୍ରଣକୁ ମିଶାଇବା ପରେ ମୁହଁରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ପରେ ମୁହଁ ଧୋଇ ଦିଅନ୍ତୁ । ଏହାପରେ ଆପଣ ଚାହିଁଲେ ରେଗୁଲାର ବ୍ୟବହାର କରୁଥିବା କ୍ରିମ୍‌କୁ ମୁହଁରେ ଲଗାଇପାରିବେ । ଏହିପରି ଭାବେ ଅଙ୍ଗୁର ଫେଶ୍ ପ୍ୟାକ୍ ସପ୍ତାହକୁ ୨ରୁ ୩ ଥର ଲଗାନ୍ତୁ ।

♦ ଯଦି ଆପଣଙ୍କ ସ୍କିନ୍ ଡ୍ରାଏ, ତା'ହେଲେ ଅଙ୍ଗୁରକୁ ଗ୍ରାଇଣ୍ଡିଂ କରିବା ସମୟରେ ସେଥିରେ କିଛି ମହୁ ମିଶାନ୍ତୁ । ସେହିପରି ସ୍କିନ୍ ଅଏଲି ଥିଲେ, ଅଙ୍ଗୁରରେ ଅଳ୍ପ ଗାଜରକୁ ଗ୍ରାଇଣ୍ଡିଂ କରି ମୁହଁରେ ଲଗାନ୍ତୁ । ଏହି ମିଶ୍ରଣକୁ ୨୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖନ୍ତୁ । ଏପରି କରିବା ଦ୍ୱାରା ତ୍ୱଚାରେ ଚମକ ଆସିବ ।

ଯଦି ଆପଣଙ୍କର କୌଣସି ପ୍ରକାର ସ୍କିନ୍ ଇନ୍‌ଫେକସନ୍ ରହିଛି, ତା'ହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଏହି ପ୍ୟାକ୍ ମୁହଁରେ ଲଗାନ୍ତୁ ନାହିଁ ।

ସୁନ୍ଦର ତ୍ୱଚା ପାଇଁ ଉପକାରୀ ଲବଙ୍ଗ ତେଲ

ଲବଙ୍ଗ ତେଲରେ ଅନେକ ଔଷଧୀୟ ଗୁଣ ଭରି ରହିଛି । ସ୍ୱାସ୍ଥ୍ୟ ଜନିତ ଅନ୍ୟ ସମସ୍ୟା ସହିତ ସୁନ୍ଦର ତ୍ୱଚା ପାଇଁ ବି ଏହାକୁ ବ୍ୟବହାର କରାଯାଏ । ଏଥିରେ ଆଣ୍ଟିସେପ୍‌ଟିକ୍ ଗୁଣ ସହିତ ଭିଟାମିନ୍ ସି, ଭିଟାମିନ୍ ଏ , ଆଣ୍ଟି-ବ୍ୟାକ୍ଟେରିଆଲ୍ ଓ ଆଣ୍ଟି-ଇନ୍‌ଫ୍ଲାମେଣ୍ଟାରୀ ଗୁଣ ରହିଛି । ଆଉ ଏସବୁ ସୁସ୍ଥ ତ୍ୱଚା ପାଇବା ପାଇଁ ଖୁବ୍ ଉପକାରୀ । ତା'ହେଲେ ଆସନ୍ତୁ ଜାଣିବା ଏହାକୁ ବ୍ୟବହାର କରି ତ୍ୱଚା ଜନିତ କେଉଁ କେଉଁ ସମସ୍ୟାରୁ ମୁକ୍ତି ପାଇ ପାରିବେ ।

* ଯଦି ଆପଣଙ୍କ ମୁହଁରେ ବାରମ୍ବାର ବ୍ରଣ ସମସ୍ୟା ଦେଖାଯାଉଛି, ତା'ହେଲେ ଲବଙ୍ଗ ତେଲ ବ୍ୟବହାର କରନ୍ତୁ । ଏହା ବ୍ରଣ ସମସ୍ୟାକୁ ଦୂର କରିବ ।

* ଲବଙ୍ଗ ତେଲ ଶରୀରରେ ଥିବା କଳାଦାଗ ଦୂର କରିବା ପାଇଁ ସାହାଯ୍ୟ କରିଥାଏ । ଏହି ତେଲ ବହୁତ ଷ୍ଟ୍ରଙ୍ଗ ହୋଇଥିବାରୁ ଏହାକୁ ବାଦାମ କିମ୍ବା ନଡ଼ିଆ ତେଲ ସହିତ ମିଶାଇ ଲଗାନ୍ତୁ । ଯଦି ଏପରି କରିବାକୁ ଚାହୁଁନାହାନ୍ତି, ତେବେ ଦୁଇ ବୁନ୍ଦାରୁ ଅଧିକ ଲବଙ୍ଗ ତେଲ ବ୍ୟବହାର କରନ୍ତୁ ନାହିଁ ।

* ଯଦି ମୁହଁର ତ୍ୱଚାରେ କୁଞ୍ଚନ ଦେଖାଯାଉଛି, ତା'ହେଲେ ଚିନ୍ତା କରନ୍ତୁ ନାହିଁ । ନଡ଼ିଆ ତେଲ ସହିତ ୫ ବୁନ୍ଦା ଲବଙ୍ଗ ତେଲ ମିଶାନ୍ତୁ ଏବଂ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ମୁହଁରେ ମାଲିସ କରନ୍ତୁ । ଏପରି କଲେ ଚେହେରାରେ ପଡୁଥିବା ଭାଙ୍ଗ ଓ କୁଞ୍ଚନ ସମସ୍ୟା କମ୍ ହେବା ଆପଣ ଲକ୍ଷ୍ୟ କରିପାରିବେ ।

* ଘରୁ ବାହାରକୁ ବାହାରିଲେ ଧୂଳି ଓ ପ୍ରଦୂଷଣ ଯୋଗୁଁ ମୁହଁର ତ୍ୱଚା ଉପରେ ପ୍ରଭାବ ପଡ଼ିଥାଏ । ପ୍ରଦୂଷଣ ସ୍କିନ୍‌କୁ ଡଲ୍ କରିଥାଏ । ଏଥିପାଇଁ ଘରକୁ ଆସିଲେ, କଟନ୍‌ରେ ଅଳ୍ପ ଲବଙ୍ଗ ତେଲ ନେଇ ମୁହଁକୁ ଭଲ ଭାବରେ ସଫା କରନ୍ତୁ ।

* ଲବଙ୍ଗ ତେଲ କେବଳ ତ୍ୱଚାକୁ ସଫା କରି ନଥାଏ, ଏହା ସହିତ ମୁହଁରେ ରକ୍ତ ସଞ୍ଚାଳନକୁ ଠିକ୍ କରିଥାଏ । ଫଳରେ ମୁହଁର ତ୍ୱଚା ଚମକି ଥାଏ ।

ଘରେ କାଠ ବଂଶୀ ରଖିଲେ ଦୂର ହେବ ବାସ୍ତୁ ଦୋଷ

ଭଗବାନ କୃଷ୍ଣଙ୍କର ପ୍ରିୟ ହେଉଛି ବଂଶୀ । ଆମେ ଯହାକୁ ବଇଁଶୀ ବୋଲି କହିଥାଉ । ଶାସ୍ତ୍ର ଅନୁସାରେ ଏହା ଅତି ପବିତ୍ର । ସେଥିପାଇଁ ବାସ୍ତୁ ଶାସ୍ତ୍ରରେ ଏହାର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି । ବାସ୍ତୁ ଶାସ୍ତ୍ର ଅନୁଯାୟୀ ବଂଶୀ ଆମ ଜୀବନରେ ଅନେକ ପ୍ରଭାବ ପକାଇଥାଏ । ବିଭିନ୍ନ ରଙ୍ଗର ବଂଶୀ ଅଲଗା ଅଲଗା ପ୍ରଭାବ ପକାଇଥାନ୍ତି ।

ବଂଶୀକୁ ଉନ୍ନତି ଓ ସମୃଦ୍ଧିର ପ୍ରତୀକ ବୋଲି ମଧ୍ୟ କୁହାଯାଇଥାଏ । ବିବାହ ହେଉ ବା ଅନ୍ୟ ଶୁଭ କାର୍ଯ୍ୟରେ ଏହାର ବ୍ୟବହାର ହୋଇଥାଏ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଆମ ଜୀବନରେ ବଂଶୀର ବ୍ୟବହାର କରିବା ଦ୍ୱାରା ଏହା ଆମକୁ ଅନେକ ବାସ୍ତୁଦୋଷରୁ ରକ୍ଷା କରିଥାଏ । ତେବେ ଆସନ୍ତୁ ଜାଣିବା ବଁଇଶୀ ଆମ ଜୀବନ ଉପରେ କିପରି ପ୍ରଭାବ ପକାଇଥାଏ ।

■ ବାସ୍ତୁ ଅନୁସାରେ ଘର ମଧ୍ୟରେ ବଂଶୀ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ । ଏହାଦ୍ୱାରା ଘର ମଧ୍ୟରୁ ନକରାତ୍ମକ ଶକ୍ତି ଦୂର ହୋଇଥାଏ । ଏହା ଆପଣଙ୍କ ଉନ୍ନତି ଓ ପ୍ରଗତିରେ ମଧ୍ୟ ସହାୟକ ହୋଇଥାଏ ।

■ ଯେଉଁ ବ୍ୟକ୍ତି ଅନେକ ଚେଷ୍ଟା କରିବା ପରେ ମଧ୍ୟ ଚାକିରି ପାଇନଥାନ୍ତି, ତାଙ୍କ ପାଇଁ ବଂଶୀ ଅତ୍ୟନ୍ତ ଉପଯୋଗୀ ଅଟେ । ବାଉଁଶରେ ତିଆରି ଏକ ବଂଶୀ ପାଖରେ ରଖିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । ଏହା ବ୍ୟତୀତ ନିଜ ଘରର କବାଟ ବା ମୁଖ୍ୟ ଦ୍ୱାର ପାଖରେ ହଳଦିଆ ରଙ୍ଗର ବଂଶୀ ଟାଙ୍ଗି ଦିଅନ୍ତୁ ।

■ ବ୍ୟବସାୟରେ ବୃଦ୍ଧି ଓ ଧନଲାଭ ପାଇଁ ଦୋକାନ ବା ଅଫିସ କାର୍ଯ୍ୟାଳୟରେ ଏକ ବଇଁଶି ରଖନ୍ତୁ । ଟଙ୍କା ରଖୁଥିବା ବାକ୍ସରେ ମଧ୍ୟ ଏହାକୁ ରଖିପାରିବେ ।

■ ଘରର ଠାକୁର ପୂଜା ହେଉଥିବା ସ୍ଥାନରେ ବଂଶୀ ସହିତ ମୟୂର ପଙ୍ଖ ଲଗାଇ ରଖିଲେ ଆପଣଙ୍କର ଅଟକି ରହିଥିବା କାର୍ଯ୍ୟ ସଂପୂର୍ଣ୍ଣ ହୋଇଥାଏ ।

■ ବାସ୍ତୁ ଅନୁସାରେ ନିଜ ମନ ପସନ୍ଦର ଜୀବନସାଥୀ ସହିତ ବିବାହ କରିବା ପାଇଁ ଚାହୁଁଥିଲେ ଶୋଇବା ସମୟରେ ତକିଆ ତଳେ ଲାଲ ରଙ୍ଗର ବଂଶୀ ରଖିଦିଅନ୍ତୁ । ଏହାଦ୍ୱାରା ଆପଣଙ୍କୁ ନିଜ ମନପସନ୍ଦର ଜୀବନସାଥୀ ମିଳିଥାଏ ।

ସ୍ମାର୍ଟ ବ୍ରେନ୍

ଖୁବଶୀଘ୍ର ମଣିଷର ବୁଦ୍ଧିର କ୍ଷମତା ବା ଇଣ୍ଟଲିଜେନ୍ସି ଶୀଘ୍ର ବଢ଼ିପାରିବ । ଏ ଲାଗି ବୈଜ୍ଞାନିକମାନେ ବିକଶିତ କରୁଛନ୍ତି ହାଇଟେକ୍ ଚିପ୍ । ଯାହାକି ମସ୍ତିଷ୍କରେ ପ୍ରତିରୋପଣ ହୋଇପାରିବ । ସ୍ମାର୍ଟ ଚିପ୍ ବ୍ରେନ୍ କମ୍ପ୍ୟୁଟର ପରି କାମ କରିବ । ନର୍ଥ ୱେଷ୍ଟର୍ଣ୍ଣ ୟୁନିଭର୍ସିଟିର ନ୍ୟୁରୋ ସାଇଣ୍ଟିଷ୍ଟ ଡ. ମୋରାନ ସେଫ୍ ଏହାକୁ ବିକଶିତ କରୁଛନ୍ତି । ତାଙ୍କ ଉଦ୍ଦେଶ୍ୟ ରହିଛି ଲୋକଙ୍କ ବୁଦ୍ଧିକୁ ଆହୁରି ଅଧିକ ଶାଣିତ କରିବା । ଏଲନମସ୍କ ଯେତେବେଳ ବ୍ରେନ କମ୍ପ୍ୟୁଟର ବିକାଶ କଥା କହିଥିଲେ ସେତେବେଳେ ସେ ଏହାର ପରିକଳ୍ପନା କରିଥିଲେ । ବ୍ରେନରେ ଲାଗିବାକୁ ଥିବା ଚିପ୍ ଇଣ୍ଟରନେଟ୍ ସହିତ ଜଡ଼ିତ ରହିବ ଯାହା ଦ୍ୱାରା ପ୍ରଶ୍ନ ପଚାରିବା ମାତ୍ରେ ସଙ୍ଗେ ସଙ୍ଗେ ଉତ୍ତର ରଖିବ । ଏବେ ଚିପନର ଅଧିକ ଉନ୍ନତି ଦିଗରେ କାମ ଜାରି ରହିଛି । ଆଗାମୀ ୫ ବର୍ଷ ମଧ୍ୟରେ ସ୍ମାର୍ଟ ବ୍ରେନ ଚିପର କାମ ପୂରଣ ହେବ । ଆମେରିକା ଡିଫେନ୍ସ ଆଡଭାନ୍ସ ରିସର୍ଚ୍ଚ ପ୍ରୋଜେକ୍ଟ ଏଜେନ୍ସି ଯବାନମାନଙ୍କ ମସ୍ତିଷ୍କକୁ କ୍ଷମତାକୁ ବଢ଼ାଇବା ଲାଗି ଏହା ଉପରେ ଅଧିକ ଆଗ୍ରହ ଦେଖାଉଛନ୍ତି । ଏଜେନ୍ସି ଏନ ୩ ପ୍ରୋଗ୍ରାମ ଲାଗି ଏକ ଟିମ ଗଠନ କରିଥିଲା । ଯାହାର କାମ ଥିଲା ଯବାନଙ୍କ ମସ୍ତିଷ୍କ ତରଙ୍ଗ ବା ବ୍ରେନ ୱେଭସରୁ ସୂଚନା ପାଇବା ଓ ପ୍ରେରଣ କରିବା । ଆଉ ଏ ଟେକନିକ ଜରିଆରେ ମିଲିଟାରିକୁ ଡ୍ରୋନ ଓ ସାଇବର ଡିଫେନ୍ସ ସିଷ୍ଟମକୁ କଣ୍ଟ୍ରୋଲ କରିପାରିବ ।

ଓଜନ କମାଏ ତେନ୍ତୁଳି ରସ

ତେନ୍ତୁଳି ଖାଦ୍ୟର ସ୍ୱାଦକୁ ବଢ଼ାଇଥାଏ । ଖାଇବାକୁ ଚଟ୍‌ପଟା କରିବା ପାଇଁ ଏହାକୁ ଖଟା ଚଟଣୀ ଭାବରେ ବ୍ୟବହାର କରାଯାଇଥାଏ । ହେଲେ ବହୁତ କମ୍ ଲୋକଙ୍କୁ ଜଣା ଯେ ଶରୀରର ଓଜନ କମ୍ କରିବା ପାଇଁ ତେନ୍ତୁଳି ସାହାଯ୍ୟ କରିଥାଏ । ଏଥିରେ ଭିଟାମିନ୍ ସି, ଇ, ବି, କ୍ୟାଲସିୟମ୍, ଆଇରନ୍, ମାଙ୍ଗାନିଜ୍, ପୋଟାସିୟମ୍, ଫସଫରସ୍ ଓ ଫାଇବର ପ୍ରଚୁର ମାତ୍ରାରେ ରହିଛି । ଏସବୁ ତତ୍ତ୍ୱ ଶରୀରରେ ଫ୍ୟାଟ୍ ବର୍ନ୍ କରିବା ସହ ଭୋକର ମାତ୍ରାକୁ କମାଇଥା'ନ୍ତି । ତା'ହେଲେ ଆସନ୍ତୁ ଜାଣିବା ଓଜନ କମାଇବା ପାଇଁ ତେନ୍ତୁଳି କିପରି ସାହାଯ୍ୟ କରିଥାଏ ଏବଂ ଏଥିରେ ଅନ୍ୟ କ'ଣସବୁ ସ୍ୱାସ୍ଥ୍ୟ ଲାଭ ରହିଛି ।

♦ ତେନ୍ତୁଳିରେ ମାଙ୍ଗାନିଜ୍, ପୋଟାସିୟମ୍, ଫସଫରସ୍ ପରି ଭିଟାମିନ୍ ଓ ମିନେରାଲ୍ ବହୁ ପରିମାଣରେ ରହିଛି । ଯାହା ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ।

♦ ଆପଣଙ୍କ ଗଳାରେ କଷ୍ଟ ହେଉଥିଲେ ବା ଥଣ୍ଡା ଯୋଗୁ ଆପଣ ଠିକ୍ରେ କଥା କହି ପାରୁନଥିଲେ ତେନ୍ତୁଳି ପାଣି ପିଅନ୍ତୁ । ଏହା ଆପଣଙ୍କୁ ଆରାମ ଦେବ ।

♦ ଥଣ୍ଡା ହୋଇଥିଲେ ଆଉ ଗୋଟେ ଉପାୟରେ ମଧ୍ୟ ତେନ୍ତୁଳିକୁ ବ୍ୟବହାର କରିପାରିବେ । ଗୋଟେ ଗ୍ଲାସ୍ ଉଷୁମ ପାଣିରେ ଗୋଟେ ଚାମଚ ତେନ୍ତୁଳି ରସ ପକାଇ ପିଇଲେ ଆପଣ ଥଣ୍ଡାରୁ ଉପଷମ ପାଇ ପାରିବେ ।

♦ ଆମ ଶରୀରରୁ ଅନାବଶ୍ୟକ ବର୍ଜ୍ୟ ବସ୍ତୁ ବାହାର କରିବାରେ ମଧ୍ୟ ତେନ୍ତୁଳି ସାହାଯ୍ୟ କରିଥାଏ । ଏଥପାଇଁ ଆପଣ ଦୁଇ ଛୋଟ ଚାମଚ ତେନ୍ତୁଳି ରସ ପ୍ରତିଦିନ ଖାଆନ୍ତୁ ।

♦ ତେନ୍ତୁଳି ରସ ହାର୍ଟ ପାଇଁ ବହୁତ ଭଲ । ହାର୍ଟ ରୋଗୀ ତେନ୍ତୁଳି ରସ ପିଇଲେ ସେମାନଙ୍କ କୋଲେଷ୍ଟ୍ରଲ୍ ? ନିୟନ୍ତ୍ରଣ ହୋଇଥାଏ ।

କିପରି ତିଆରି କରିବେ ତେନ୍ତୁଳି ରସ :

ତେନ୍ତୁଳିକୁ ଭଲ ଭାବରେ ଧୋଇ ଦିଅନ୍ତୁ ଏବଂ ଏଥିରୁ ମଞ୍ଜିକୁ ବାହାର କରନ୍ତୁ । ଦୁଇ ଗ୍ଲାସ୍ ପାଣିରେ ତେନ୍ତୁଳି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ତେନ୍ତୁଳିକୁ ସେଥିରୁ ଛାଣି ଜୁସ୍ ବାହାର କରନ୍ତୁ । ଜୁସ୍ ଥଣ୍ଡା ହୋଇଗଲା ପରେ ଏହାକୁ ପ୍ରତିଦିନ ପିଇବା ଅଭ୍ୟାସ କରନ୍ତୁ । ଏହା ଧିରେ ଧିରେ ଆପଣଙ୍କ ଓଜନ କମ୍ କରିବ । ଆପଣ ଚାହିଁଲେ ଏହାର ସ୍ୱାଦ ବଢ଼ାଇବା ପାଇଁ ମହୁ ମିଶାଇପାରିବେ ।

ମନେରଖନ୍ତୁ ତେନ୍ତୁଳି ରସ ବ୍ୟବହାର କରିବା ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନିଶ୍ଚିତ ନିଅନ୍ତୁ ।

ମନ କିଣେ ମନାଲି

କୁଲୁ-ମନାଲି ସ୍ଥାନର ନାମଟି ଆପଣ ଶୁଣିଥିବେ । ଭାରତର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମଧ୍ୟରେ କୁଲୁ-ମନାଲି ହେଉଛି ଅନ୍ୟତମ । ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୂର ଥିବା ଏହି ସ୍ଥାନଟି ହିମାଚଳ ପ୍ରଦେଶରେ ଅବସ୍ଥିତ । ଯଦି ଆପଣଙ୍କର ଏହି କୁଲୁ-ମନାଲି ବୁଲିବା ପାଇଁ ଯୋଜନା ଥାଏ ତେବେ ଜାଣି ରଖନ୍ତୁ ସେଠାକୁ ଗଲେ କ'ଣ ସବୁ ଦେଖିବେ ।

ପୌରାଣିକ ତଥ୍ୟ ଅନୁଯାୟୀ ରାଜା 'ମନୁ'ଙ୍କ ନାମରେ ମନାଲି ନାମକରଣ ହୋଇଛି । ୩ଟି ପାହାଡ଼ର ଲାଗି ଲାଗି ହୋଇଥିବା ସ୍ଥାନ ହେଉଛି ମନାଲି । ପ୍ରତି ପାହାଡ଼ରେ ଗାଁ ସାଙ୍ଗକୁ ଗୋଟିଏ ଗୋଟିଏ ମନ୍ଦିର ରହିଛି । ସେହିପରି ମନାଲିରେ ରହିଛି ବନ ବିହାର । ଏଠାରେ ଆପଣ ବୋଟିଂ ଏବଂ ଅନ୍ୟ ମନରଞ୍ଜନ ସାମଗ୍ରୀର ମଜା ନେଇପାରିବେ । ଅନ୍ୟପଟେ ଆପଣ ଏଠିକାର ଜଙ୍ଗଲରେ ବୁଲି ପ୍ରକୃତିକୁ ଉପଭୋଗ କରିପାରିବେ । ମନାଲିର ଆଉ ଏକ ଆକର୍ଷଣ ହେଉଛି ଗ୍ରେଟ୍ ? ହିମାଳୟନ୍ ରାଷ୍ଟ୍ରୀୟ ଉଦ୍ୟାନ୍ । ହିମାଳୟ ସଂଲଗ୍ନ ଏହି ଉଦ୍ୟାନ୍ ? ୧୯୮୪ରେ ତିଆରି କରାଯାଇଥିଲା । ଯାହା ୭୫୪ କିମି ବର୍ଗ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ । ପର୍ବତ ଘେରା ଏହି ରାଷ୍ଟ୍ରୀୟ ଉଦ୍ୟାନକୁ ୪ଟି ଘାଟିରେ ଭାଗ କରାଯାଇଛି । ମନାଲିରେ ଥିବା ମନୁ ମନ୍ଦିର ରାଜା ମନୁଙ୍କୁ ସମର୍ପିତ କରଯାଛି । ମନାଲିରେ ସବୁଠୁ ଆକର୍ଷଣ କେନ୍ଦ୍ର ବିନ୍ଦୁ ହେଉଛି ଯୋଗିନି ଝରଣା । ଏହି ଝରଣାକୁ ଦେଖିଲେ ଆପଣ ନିଶ୍ଚିତ ବିମୋହିତ ହେବେ । ତେବେ ମନାଲିଠାରୁ କୁଲୁ ଘାଟି ୪୦ କିମି ଦୂରରେ ଅବସ୍ଥିତ ।

ଯେଉଁ ସ୍ଥାନକୁ ପ୍ରତି ବର୍ଷ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ମନାଲି ଠାରୁ ୨ କିଲୋମିଟର ଦୂରରେ ଏକ ଅଭୟାରଣ୍ୟ ରହିଛି । ଏହି ଅଭୟାରଣ୍ୟରେ ଦେଓଦାର, କାଇଲ ,କାକୁ, ଓ ମାପଲ ବୃକ୍ଷର ଘଞ୍ଚ ବନାନୀ ସହ କସ୍ତୁରୀ ମୃଗ , ମୋନାଲ , ଭାଲୁ , ଚିତା ବାଘ , ଧଳା ଚିତାବାଘ ବହୁ ସଂଖ୍ୟାରେ ରହିଥାନ୍ତି । ଗ୍ରୀଷ୍ମ କାଳରେ ଇବେକ୍ସ ଜାତୀୟ ପ୍ରାଣୀ ମାନଙ୍କର ବଡ ଦଳ ଏଠାରେ ବିଚରଣ କରୁଥିବାର ଦେଖାଯାଇଥାଏ ।

କୁଲୁଠାରୁ ପ୍ରାୟ ତିନି କିଲୋମିଟର ଦୂରରେ ରାମଶିଳା ନାମକ ଏକ ସ୍ଥାନ ଅଛି । ଏଠାରୁ ପ୍ରାୟ ୧୭ କିଲୋମିଟର ଦୂରରେ ' ବିଜଲି ମହାଦେବ' ଙ୍କ ମନ୍ଦିର ରହିଛି । ଏହା ଏକ ବିସ୍ମୟ ଜନକ ମନ୍ଦିର । ଏହା ସମୁଦ୍ର ପତନ ଠାରୁ ପ୍ରାୟ ୨୬୪୦ ମିଟର ଉଚ୍ଚରେ ଅବସ୍ଥିତ ।ସେଠାରୁ ଷୋହଳ କିଲୋମିଟର ଆଗକୁ ଗଲେ ' ରାୟସନ' ନାମକ ସ୍ଥାନ ପଡ଼େ । ଏମିତି ଏଠାରେ ଆପଣ ଅନେକ ସ୍ଥାନର ମଜା ନେଇପାରିବେ ।

ଡଗ୍ ଥେରାପି

ବିଭିନ୍ନ ପ୍ରକାର ଥେରାପି ସମ୍ବନ୍ଧରେ ଆପଣ ଜାଣିଥିବେ । ହେଲେ କେବେ 'ଡଗ୍ ଥେରାପି' ସମ୍ବନ୍ଧରେ ଶୁଣିଛନ୍ତି କି ? ବର୍ଷରୁ କମ ବୟସ୍କ ଶିଶୁମାନଙ୍କ ନିକଟରେ ଦେଖା ଯାଉଥିବା 'ଏଡିଏଚଡି' **Attention Deficit Hyperactivity Disorser** ନାମକ ରୋଗର ନିରାକରଣ ପାଇଁ ଏହି ଥେରାପି ବ୍ୟବହାର କରାଯାଇ ପାରିବ । ଉପଯୁକ୍ତ ଯତ୍ନ ଏବଂ ଧ୍ୟାନ ଅଭାବରୁ ଶିଶୁମାନଙ୍କ ନିକଟରେ ଏହି ରୋଗ ଦେଖାଯାଏ । ଏହା ଏକ ପ୍ରକାର ମାନସିକ ରୋଗ । ୟୁନିଭସିଟି ଅଫ୍ କାଲିଫର୍ଣ୍ଣିଆର ବିଶେଷଜ୍ଞମାନେ ଏହି ଥେରାପିର ଉଦ୍ଭାବନ କରିଛନ୍ତି । ଡଗ୍ ଥେରାପି ପାଇଁ ଏକ ସ୍ୱତନ୍ତ୍ର ପ୍ରଜାତିର କୁକୁରକୁ ତାଲିମ ଦିଆ ଯାଇଥାଏ । ହସ୍ପିଟାଲରେ କିମ୍ବା ଘରେ ଏଡିଏଚଡି ରୋଗାଗ୍ରସ୍ତ ଶିଶୁମାନଙ୍କ ଉପଚାର ପାଇଁ ଶିଶୁମାନଙ୍କୁ ଏହି କୁକୁର ସହ ରହିବାକୁ ପଡ଼ିଥାଏ । ତାଲିମପ୍ରାପ୍ତ କୁକୁର ସହ ରହିବା ଦ୍ୱାରା ଶିଶୁର ମାନସିକ ସ୍ଥିତି ସ୍ୱାଭାବିକ ହୋଇ ପାରିବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି । ୧୨ ସପ୍ତାହ ଧରି ଏହି ଥେରାପି ନେବା ଦ୍ୱାରା ଏହି ରୋଗର ସମ୍ପୂର୍ଣ୍ଣ ଉପଚାର ହୋଇପାରିବ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସମାଧାନର ପଥ...

ଗତବର୍ଷ ପୂର୍ବ ଲଦାଖ୍ ସୀମାରେ ଚୀନ ସହିତ ମୁହାଁମୁହିଁ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ଯାହା କିଛି ଉଭୟ ଭାରତ ଓ ଚୀନ୍ ମଧ୍ୟରେ ଘଟି ଯାଇଛି, ତା'ର ସମ୍ପୂର୍ଣ୍ଣ ବିବରଣୀ ସଂସଦରେ ପ୍ରଦାନ କରି ସାରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସଙ୍ଗେ ସଙ୍ଗେ ସୀମାରେ ପାଙ୍ଗୋଙ୍ ସୋ ଅଂଚଳରୁ ଦୁଇ ଦେଶର ସୈନ୍ୟ ପ୍ରତ୍ୟାହାର ସମ୍ପର୍କିତ ବୁଝାମଣା ହେବା କଥା ମଧ୍ୟ। ଦୁଇ ପଡ଼ୋଶୀ ଦେଶଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହାକୁ ଏକ ନୂଆ ଆରମ୍ଭ କୁହାଯାଇପାରେ। ଏହି ଅନୁସାରେ ଚୀନ୍ ଖୁବ୍ ଶୀଘ୍ର ହ୍ରଦ ଅଂଚଳରୁ ତା'ର ସେନା ସହିତ ଯୁଦ୍ଧ ସରଂଜାମଗୁଡ଼ିକୁ ଫେରାଇ ନେବାକୁ ଆରମ୍ଭ କରିଥିବା ଆଶ୍ଚର୍ଯ୍ୟଜନକ ମନେ ହେଉଥାଇପାରେ। କିନ୍ତୁ ଏହି ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା କିପରି କାର୍ଯ୍ୟ କରୁଛି, ତା' ଉପରେ ଭାରତ ତୀକ୍ଷ୍ଣ ଦୃଷ୍ଟି ରଖିବାର ଆବଶ୍ୟକତା ରହିଛି, କାରଣ କେବଳ ପାଙ୍ଗୋଙ୍ ସୋ ହ୍ରଦର ଉତ୍ତର ଏବଂ ଦକ୍ଷିଣ ତଟରେ ନିଜର ସ୍ଥିତିକୁ ଫେରି ପାଇବା ପାଇଁ ଏହାକୁ କୈଳାସ ପର୍ବତମାଳାର ଉଚ୍ଚ ଅଂଚଳକୁ ହରାଇବାକୁ ପଡ଼ିପାରେ। ୨୦୧୭ରେ ଚୀନ୍ ଭାରତ ସୀମାରେ ଅନୁପ୍ରବେଶ କରିବାର ଉଦ୍ୟମ ଆରମ୍ଭ କରିବା ପରଠାରୁ ବିଗତ କିଛି ବର୍ଷ ମଧ୍ୟରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହେବା ସହିତ ଦୁଇ ଦେଶଙ୍କ ମଧ୍ୟରେ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଛି। ତେଣୁ ଏବେ ଯଦି ଏହି ପ୍ରାରମ୍ଭିକ ସେନା ପ୍ରତ୍ୟାହାର ଦୁଇ ଦେଶଙ୍କ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା ଦିଗରେ ସହାୟକ ହୁଏ, ତ'ହେଲେ ଏହାକୁ ସୌଭାଗ୍ୟର କଥା ବୋଲି କୁହାଯାଇପାରିବ। କିନ୍ତୁ ବର୍ତ୍ତମାନ ଦୁହିଁଙ୍କ ମଧ୍ୟରେ ସମ୍ପନ୍ନ ହୋଇଥିବା ଏ ସମ୍ପର୍କିତ ରାଜିନାମା କେତେ ସଂକୀର୍ଣ୍ଣ ଓ ଅସୁବିଧାଜନକ, ତାହା ଭାରତ ଭଲ ଭାବରେ ସ୍ମରଣ ରଖିବା ଉଚିତ୍, ଯେହେତୁ ଚୀନ୍ ସୈନିକମାନେ ଫିଙ୍ଗର ୮ ଅଂଚଳରେ ରହିବା ସହିତ ଭାରତୀୟ ସୈନ୍ୟମାନେ ତାଙ୍କର ଫିଙ୍ଗର ୩ ଅଂଚଳ ବେସ୍ ମଧ୍ୟରେ ସୀମିତ ରହିବେ ତଥା ଚୀନ୍ ଯାହାକୁ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ବୋଲି କହୁଛି, ସେ ପର୍ଯ୍ୟନ୍ତ ପାଟ୍ରୋଲିଂ କରି ପାରିବେ ନାହିଁ, ଯାହାକି ୨୦୨୦ ଏପ୍ରିଲ ମାସ ପୂର୍ବରୁ ଫିଙ୍ଗର ୮ର ପୂର୍ବରେ ରହୁଥିଲା। ଦୁଇ ଦେଶଙ୍କ ମଧ୍ୟରେ ପରିସ୍ଥିତିରେ ପରିବର୍ତ୍ତନ ଆସିବା ନିଃସନ୍ଦେହରେ ଉତ୍ତମ କଥା, କିନ୍ତୁ ଚୀନ୍ ସେନାର କାର୍ଯ୍ୟକଳାପ ଉପରେ ଭାରତ କଡ଼ା ନଜର ରଖିବା ସହିତ ସମାଧାନର ଅପେକ୍ଷାରେ ରହିଥିବା ଅନ୍ୟାନ୍ୟ ପ୍ରସଙ୍ଗଗୁଡ଼ିକୁ ସମାଧାନ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିବା ଉଚିତ୍। ଏମିତି ନୁହେଁ ଯେ ଏସବୁ ପ୍ରସଙ୍ଗର ସଂଖ୍ୟା ସ୍ୱଳ୍ପ। ବରଂ ଲଦାଖ ଏବଂ ତାର ପୂର୍ବକୁ ଅବସ୍ଥିତ ଦେପ୍‌ସଙ୍ଗ୍ ଉପତ୍ୟକାକୁ ମିଶାଇ ଅନ୍ୟାନ୍ୟ ଅଂଚଳଗୁଡ଼ିକ ଯେଉଁଠି ଚୀନ୍ ପ୍ରାୟ ଏକ ହଜାର ବର୍ଗ କିଲୋମିଟର ପରିମିତି ଭାରତୀୟ ସୀମାକୁ କବ୍‌ଜାରେ ରଖିଛି, ଏପରିକି ପାରମ୍ପରିକ ପଏଂଟଗୁଡ଼ିକରେ ଚୀନ୍ ସେନା ଭାରତୀୟମାନଙ୍କୁ ପାଟ୍ରୋଲିଂ କରିବାକୁ ଦେଉନାହିଁ, ସେଗୁଡ଼ିକ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବା ଉଚିତ। ତେଣୁ କେବଳ ସେନାର କମାଣ୍ଡରମାନଙ୍କ ସ୍ତରୀୟ ଦୁଇ ଚାରିଦିନର ଆଲୋଚନାରେ ସବୁକିଛିର ସମାଧାନ ହୋଇଯିବା ସହଜ ନୁହେଁ ବରଂ ଏଥିପାଇଁ ଦୁଇ ଦେଶର ଉଚ୍ଚସ୍ତରୀୟ କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ ଆଲୋଚନା ହେବାର ଆବଶ୍ୟକତା ରହିଛି। ଉଲ୍ଲେଖଯୋଗ୍ୟ ଯେ ଚୀନ୍ କେବଳ ସୀମା ସଂକ୍ରାନ୍ତୀୟ ଆଲୋଚନା କରିବାକୁ କହୁନାହିଁ, ବରଂ ତା' ସହିତ ବ୍ୟବସାୟିକ କାରବାର ସମ୍ପର୍କିତ ଆଲୋଚନା କରିବାକୁ ମଧ୍ୟ ଚାହୁଁଛି, କାରଣ ଏହି କ୍ଷେତ୍ର ମଧ୍ୟ ଧୀରେ ଧୀରେ ପଛଘୁଂଚା ଦେବାକୁ ଆରମ୍ଭ କରିଛି। ଏଠାରେ ଚିରନ୍ତନଯୋଗ୍ୟ କଥା ଯେ ସମ୍ଭବତଃ ଆମେରିକାର ନୂତନ ରାଷ୍ଟ୍ରପତି ହେବାପରେ ବାଇଡେନଙ୍କର ବିଶ୍ୱ ବ୍ୟବସ୍ଥା ପ୍ରତି ଆଭିମୁଖ୍ୟ, ବିଶେଷକରି ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସହିତ ତାଙ୍କର ଟେଲିଫୋନ୍ ବାର୍ତ୍ତାଳାପ ପରିପ୍ରେକ୍ଷୀରେ ଚୀନ୍ ଏହି କାର୍ଯ୍ୟସବୁ କରିବାକୁ ଆଗେଇ ଆସେଇ କି! ଯଦି ଏଭଳି କିଛି ହୋଇଥାଏ, ତା'ହେଲେ ମହାମାରୀ କୋଭିଡ୍-୧୯ ଯୋଗୁଁ ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିବା ବିଶ୍ୱ ଅର୍ଥନୀତିକ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ଏହା ଏକ ବଳିଷ୍ଠ ପଦକ୍ଷେପ ହେବ। ତେବେ ଆମେରିକା ଏବଂ ଚୀନ୍ ମଧ୍ୟରେ ବିଶ୍ୱାସର ସଂକଟ ସୃଷ୍ଟି ହୋଇଛି ଉହାନରୁ କରୋନା ଭୂତାଣୁର ଉଦ୍ଭବକୁ ନେଇ, ଯାହାର ଏତେ ଶୀଘ୍ର ଅବସାନ ଘଟିବାର ସମ୍ଭାବନା ନାହିଁ। ଯେ କୌଣସି ବି କାରଣରୁ ହେଉ ନା କାହିଁକି, ଭାରତ ସହିତ ସୀମା ବିବାଦର ସମାଧାନ କରିବା ପାଇଁ ଚୀନ୍ ଆଗ୍ରହ ପ୍ରକାଶ କରିବା ଅବଶ୍ୟ ଏକ ଆଶାର କିରଣ ବୋଲି କହିହେବ, ଯଦିଓ ଚୀନ୍‌ର ଉଦ୍ଦେଶ୍ୟ କେବେହେଲେ ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ ରହିବ ନାହିଁ। ଏହା ରହିବା ମଧ୍ୟ ଉଚିତ୍ ନୁହେଁ, କାରଣ ଇତିହାସ ଏହାର ସାକ୍ଷୀ। ତେଣୁ ଚୀନ୍ କେଉଁ କେଉଁ ଅଂଚଳରୁ କିପରି ସୈନ୍ୟ ପ୍ରତ୍ୟାହାର କରୁଛି, ତା' ଉପରେ ଭାରତ ତୀକ୍ଷଣ ଦୃଷ୍ଟି ରଖିବା ସହିତ ଏକଥା ମନେ ରଖିବା ଉଚିତ ଯେ ଦକ୍ଷିଣ ତଟରେ ଶିଖର ଦେଶକୁ ଅକ୍ତିଆର କରିବା ଚୀନ୍ ପାଇଁ ପଟ୍ଟ ପରିବର୍ତ୍ତନକାରୀ ସାବ୍ୟସ୍ତ ହୋଇଛି। ରହିଲା ଅର୍ଥନୀତିକ କାର୍ଯ୍ୟକଳାପ କଥା। ଚୀନ୍ ଯେଭଳି ଭାବରେ ଅତୀତରେ ବିଶ୍ୱାସଘାତକତା କରି ଆସିଛି, ସେହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ବାସ୍ତବ ହୋଇଥିବା କଥା ଅନୁଭୂତ ନହେବା ପର୍ଯ୍ୟନ୍ତ ଚୀନ୍ ବିରୁଦ୍ଧରେ ଯେଉଁସବୁ ଅର୍ଥନୀତିକ କଟକଣା ଜାରି କରାଯାଇଛି, ସେ ସମ୍ପର୍କରେ ବୁଝାମଣା ଆରମ୍ଭ କରାଯିବା ଉଚିତ୍ ନୁହେଁ।

ଜହ୍ନର ଠିକଣା ..

ସନାତନ ଦାସ

ପ୍ରିୟା ମୋର ଭାରି ଅଭିମାନୀ,
ନୀଳ ନୟନା ସେ ଭାରି ହସକୁରି,
ପଚାରିଲା ଦିନେ
ମୋତେ ଜହ୍ନର ଠିକଣା,
ଅନ୍ୟମନସ୍କ ହୋଇ
ଆକାଶକୁ ଚାହିଁ..!!

ଆସନ୍ତା ନାହିଁ ଜହ୍ନ ତା ହାତ ମୁଠାକୁ,
ଜଡେଇ ଧରନ୍ତା ସେ ସବୁଦିନ ପାଇଁ
ତା ବକ୍ଷର ଉଷୁମ ପରଶରେ...!!

ଈର୍ଷାରେ ମୁଁ ଜଳି ଗଲି
ଜହ୍ନକୁ କରିଲି ଗାଳି,
ମୋ ଜାଗା ନେବାକୁ କିଏ ତୁ
ମୋ ପ୍ରିୟା ହେଲାଣି ତୋତେ ଭାଳି..!!

ତୁ ରହ ତୋର ଗଗନ ବକ୍ଷରେ,
ରାତି ଉଜାଗର କରି ଆଉ ଆସନା,
ମୁଁ କହିଦେବି ମୋ ପ୍ରିୟାକୁ
ଜଣା ନାହିଁ ମୋତେ ଜହ୍ନର ଠିକଣା..!!

ସଅଁରା, ନାଲିବର, ଜଗତସିଂହପୁର
ପିନ୍- ୭୫୪୧୦୪
ମୋ:-୯୭୭୬୪୧୪୮୦୫

ବିପିନ ବିହାରୀ ମହାନ୍ତି

ବାଗ୍‌ଦେବୀ ନମସ୍ତୁତେ

ମାଘଶୁକ୍ଳପକ୍ଷ ପଞ୍ଚମୀ ଦିନ ଦେବୀ ସରସ୍ୱତୀଙ୍କର ଆରାଧନା ଏବଂ ପୂଜା ହୁଏ। ପୁରାଣମତେ ଏହା ତାଙ୍କର ଜନ୍ମଦିନ। ଦ୍ୱାପର ଯୁଗରେ ଭଗବାନ କୃଷ୍ଣ ସରସ୍ୱତୀଙ୍କର ପୂଜା ପ୍ରଥମେ ଆରମ୍ଭ କରିଥିଲେ। ତା'ପରେ ଅନ୍ୟାନ୍ୟ ଦେବ ଦେବୀମାନଙ୍କ ଠାରୁ ଆରମ୍ଭ କରି ଏ ମଣିଷ ଜାତି ତାଙ୍କର ପୂଜା ଚଳେଇ ରଖିଲେ।

'ଶ୍ରୀ' କହିଲେ ଶୁଭ ଲକ୍ଷଣଯୁକ୍ତ। ଏହି କାରଣରୁ ମାଘ ଶୁକ୍ଳ ପଂଚମୀ ତିଥିକୁ ଶ୍ରୀ ପଂଚମୀ କୁହନ୍ତି। ଅର୍ଥାତ୍ ଦେବୀ ସରସ୍ୱତୀଙ୍କର ଏହା ଶୁଭ ଜନ୍ମଦିବସ। ଏହି ସମୟଟି ଶୀତପର ଏବଂ ପୂର୍ବ ବସନ୍ତ କାଳହେତୁ ଏହାକୁ ମଧ୍ୟ ବସନ୍ତ ପଞ୍ଚମୀ କୁହନ୍ତି। ଗୋଟିଏ ପଟେ ଶୀତକୁ ବିଦାୟ ଏବଂ ଅନ୍ୟପଟେ ବସନ୍ତକୁ ଆହ୍ୱାନର ଏହା ସଂନ୍ଧିକ୍ଷଣ। ଏହା ଇଂରାଜି ମାସ ଜାନୁୟାରୀ ବା ଫେବୃୟାରୀରେ ପଡ଼େ। ଏହିଦିନ ଶ୍ରୀ ମନ୍ଦିରରେ ବସନ୍ତ ପିଷ୍ଟକ ଠାକୁରଙ୍କୁ ଭୋଗଲାଗି ହୁଏ। ଏହି ଦିନଠାରୁ ଦୋଳପୂର୍ଣ୍ଣିମା ଯାଏ ଉତ୍ସବକୁ ବେନ୍‌ଟ ଯାତ୍ରା କୁହନ୍ତି। କଥାରେ ଅଛି : ଯାହା ନାହିଁ ଶ୍ରୀକ୍ଷେତ୍ରେ ତାହା ନାହିଁ ଭାରତେ। ଅର୍ଥାତ୍ ଭାରତରେ ସମସ୍ତ ହିନ୍ଦୁ ପର୍ବପର୍ବାଣୀ ଜଗନ୍ନାଥ ନୀତିନିୟମ ସହିତ ସଂଶ୍ଳିଷ୍ଟ। ଦେବୀ ସରସ୍ୱତୀଙ୍କୁ ନେଇ ପୁରାଣକାରମାନେ ଅନେକ କଥା କୁହନ୍ତି। କାହା ମତରେ ସେ ବ୍ରହ୍ମାଙ୍କ ମୁଖରୁ ଜାତ ହେତୁ, ସେ ତାଙ୍କ କନ୍ୟା; ଅନେକଙ୍କ ମତରେ ସେ ନାରାୟଣଙ୍କ ପତ୍ନୀ ଅର୍ଥାତ୍ ଲକ୍ଷ୍ମୀଙ୍କ ସଉତୁଣୀ, ଶିବ ପୁରାଣ, ବାୟୁ ପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣମତେ ସେ ବ୍ରହ୍ମାଙ୍କ ପତ୍ନୀ। ତାଙ୍କୁ ମହାଲକ୍ଷ୍ମୀ ବ୍ରହ୍ମାଙ୍କୁ ଅର୍ପଣ କରିଥିଲେ ବୋଲି ମାର୍କେଣ୍ଡୟ ପୁରାଣ କୁହେ। ସପ୍ତସତୀ ପୁରାଣମତେ ସେ ଦୁର୍ଗା। ତ୍ରି-ପୁରୁଷ : ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପତ୍ନୀ ତ୍ରି-ପ୍ରକୃତି ବା ଶକ୍ତି ଯଥାକ୍ରମେ ହେଉଛନ୍ତି ସରସ୍ୱତୀ : ବିଦ୍ୟାଦାତ୍ରୀ, ମହାଲକ୍ଷ୍ମୀ : ଧନଦାତ୍ରୀ ଏବଂ ଦୁର୍ଗା ହେଉଛନ୍ତି ଶକ୍ତିଦାତ୍ରୀ। ପୁଣି ବ୍ରହ୍ମ ବୈବର୍ତ୍ତ ପୁରାଣ କୁହେ ସେ ଶ୍ରୀରାଧାଙ୍କ ଜିହ୍ୱାଗ୍ରରୁ ସେ ସୃଷ୍ଟି। ଗଙ୍ଗା ଅଭିଷାପରୁ ସେ ପବିତ୍ର ସରସ୍ୱତୀ ହୋଇ ପ୍ରବାହିତ ହୁଅନ୍ତି ଏ ମର୍ତ୍ୟ ଭାରତ ଭୂଖଣ୍ଡରେ। ତ୍ରିବେଣୀ ସଂଗମ ଠାରେ, ଗଙ୍ଗା, ଯମୁନା ଓ ସରସ୍ୱତୀ ଏକତ୍ର ହୋଇଛନ୍ତି। ଗଙ୍ଗା, ଯମୁନା ଏବଂ ସରସ୍ୱତୀ ଯଥାକ୍ରମେ ପବିତ୍ରତା, ମୁକ୍ତିମାର୍ଗ ଏବଂ ସରସ୍ୱତୀ ଜ୍ଞାନଦାତ୍ରୀ, ପବିତ୍ର ଓ ମୁକ୍ତିର ପ୍ରତୀକ ରୂପେ ବିଶ୍ୱାସ କରାଯାଆନ୍ତି। ଋଗ୍‌ବେଦରେ ମଧ୍ୟ ସରସ୍ୱତୀଙ୍କୁ ୩୦ଥର ନଦୀ ଓ ୪୫ଥର ଦେବୀ ରୂପେ ବର୍ଣ୍ଣନା କରାଯାଇ ତାଙ୍କର ପବିତ୍ରତା ସଂପର୍କରେ ଆଲୋକପାତ କରାଯାଇଛି। ସରସ୍ୱତୀ କହିଲେ 'ସରସ୍-ବତୀ' ଯାହାର ଅର୍ଥ ଶ୍ରେଷ୍ଠ ନଦୀ, ହ୍ରଦ ବା ସାଗର। ଏଣୁ ସରସ୍ୱତୀ ଜ୍ଞାନର ନଦୀ, ହ୍ରଦ ବା ସାଗର। ସରସ୍ୱତୀ କେବଳ ହିନ୍ଦୁମାନଙ୍କର ଦେବୀ ନୁହଁନ୍ତି। ସେ ଜୈନ ସିଦ୍ଧମାନଙ୍କର ସିଦ୍ଧସରସ୍ୱତୀ ଏବଂ ବୌଦ୍ଧମାନଙ୍କର ପ୍ରଜ୍ଞା ପାରମିତା।

ଦେବୀହିଁ ଶକ୍ତି। ଶକ୍ତି ଅଦୃଶ୍ୟ; ନିରାକାର। ତଥାପି ଭକ୍ତପାଇଁ ସେ ଅରୂପରୁ ରୂପରେ ପୂଜା ପାଆନ୍ତି, ସେ ମୃଣ୍ମୟ ମୂର୍ତ୍ତିରେ ହେଉ ବା ଛବି ବା ପଟ୍ଟଚିତ୍ରରେ ହେଉ। ସରସ୍ୱତୀ ରୂପଚିତ୍ରକୁ ପୁରାଣକାରମାନେ ଯେମିତି ବର୍ଣ୍ଣନା କରିଛନ୍ତି :

ଯା' କୁନ୍ଦେନ୍ଦୁ ତୁଷାର ହାର ଧବଳା
ଯା' ଶୁଭ୍ରାବସ୍ତ୍ରାବୃତା
ଯା ବୀଣା ବରଦଣ୍ଡ ମଣ୍ଡିତା କରା
ଯା ଶ୍ୱେତପଦ୍ମାସନା
ଯା' ବ୍ରହ୍ମାଚ୍ୟୁତି ଶଙ୍କର ପ୍ରଭୃତିଭି
ଦେବୈଃ ସଦାବନ୍ଦିତା
ସାମାଂ ପାତୁ ସରସ୍ୱତୀ ଭଗବତୀ
ନିଃଶେଷ ଜଡ଼ୟା ପହା।

ଓଁ ଭଦ୍ରକାଳୈ ନମୋ ନିତ୍ୟଂ
ସରସ୍ୱତୈ ନମୋ ନମଃ ।
କଜ୍ଜଳ ପୂରିତ ଲୋଚନ ଧାରେ
ସ୍ତନଯୁଗ ଶୋଭିତ ମୁକୁତାହାରେ।
ବୀଣା ପୁସ୍ତକ ରଞ୍ଜିତ ହସ୍ତେ
ଭଗବତୀ ଭାରତୀ ଦେବୀ ନମସ୍ତେ॥

ସେ ଶୁଭ୍ର ବସ୍ତ୍ର ପରିହିତା, ଶ୍ୱେତବର୍ଣ୍ଣା ଏବଂ ଶ୍ୱେତପଦ୍ମ ପୁଷ୍ପ ଉପରେ ବିରାଜିତା। ତାଙ୍କର ଚାରିଭୁଜ ମଧ୍ୟରୁ ଗୋଟିଏ ହସ୍ତରେ ଲେଖନୀ, ଆଉ ଗୋଟିଏ ହସ୍ତରେ ପୁସ୍ତକ ଏବଂ ଅନ୍ୟ ଦୁଇ ହସ୍ତରେ ବୀଣା ଧାରଣ କରିଛନ୍ତି। ପାଣିରେ (ହାତରେ) ବୀଣା ଧାରଣ କରିଥିବାରୁ ତାଙ୍କ ନାମ ବୀଣାପାଣି ମଧ୍ୟ ରଖାଯାଇଛି। ହଂସ ତାଙ୍କର ବାହନ। ତେବେ ପୂଜା ଆସନରେ ସେ କେବେ ଶୁଭ୍ର ପଦ୍ମପୁଷ୍ପ ଉପରେ ତ କେତେବେଳେ ମୟୂର ଉପରେ ଅଧିଷ୍ଠିତ ହୋଇଥାନ୍ତି।

ଏଠାରେ ଶ୍ୱେତବସ୍ତ୍ର; ନିଷ୍କଳଙ୍କ ଚରିତ୍ରର ପ୍ରତୀକ, ଲେଖନୀ ଓ ପୁସ୍ତକ : ଜ୍ଞାନର ପ୍ରତୀକ, ବୀଣା : ସଂଗୀତ, ସୂକ୍ଷ୍ମକଳା ତଥା ସପ୍ତରଙ୍ଗ ଓ ସପ୍ତସ୍ୱରର ପ୍ରତୀକ; ହଂସ ଶୁଦ୍ଧତାର ପ୍ରତୀକ ଏବଂ ସାମୁହିକ ଭାବେ ଧଳାରଙ୍ଗ : ପବିତ୍ର ଓ ଶାନ୍ତିର ପ୍ରତୀକ।

ଦେବୀ ସରସ୍ୱତୀଙ୍କର ମଧ୍ୟ ଅନ୍ୟାନ୍ୟ ନାଁ ଅଛି ଯେମିତି ଇଳା, ଭାରତୀ, ବୀଣାପାଣି, ମୋଟ ଉପରେ ସେ ଜ୍ଞାନ, ବିଦ୍ୟା, ସଂଗୀତ କଳା, ବୁଦ୍ଧି ତଥା ଶୁଦ୍ଧତାର ଦେବୀ। ଏହି କାରଣରୁ ସେ ସମସ୍ତ ଶିକ୍ଷା, ସଂଗୀତ ଓ କଳା ଅନୁଷ୍ଠାନ ମାନଙ୍କରେ ଶ୍ରୀ ପଞ୍ଚମୀ ଦିନ ସ୍ୱତନ୍ତ୍ର ଭାବେ ସୁସଜ୍ଜିତ ମଣ୍ଡପରେ ପୂଜା ହୁଅନ୍ତି। ଖାଲି ଦେବୀ ନୁହଁନ୍ତି ପୂଜକ ଏବଂ ବିଦ୍ୟାର୍ଥୀମାନେ ମଧ୍ୟ ନୂତନ ପୋଷାକ ପିନ୍ଧି ଥାନ୍ତି। ଦେବୀଙ୍କୁ ଧୂପ, ଦୀପ, ନୈବେଦ୍ୟ ଏବଂ ଭୋଗରାଗ ଅର୍ପଣ କରାଯାଏ। ଭୋଜିଭାତ ମଧ୍ୟ ଅନେକ ଅନୁଷ୍ଠାନରେ କରାଯାଏ। ଆଜିକାଲି ଘରେ ଘରେ ମଧ୍ୟ ସରସ୍ୱତୀ ପୂଜା ହେଲେଣି। ଘରୋଇ ପୂଜାରେ ଘରର ସାନଝିଅ ଏ ପୂଜା କରାଏ ବା ଭୋଗରାଗରେ ପାଣି ଛଡ଼ାଏ। ଏହିଦିନ ମଧ୍ୟ କେଉଁଠି କେଉଁଠି ଅନୁଷ୍ଠାନ ମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ ଯଥା ନାଚ, ଗୀତ, କବିତା ପାଠୋତ୍ସବ, ନାଟକ ଇତ୍ୟାଦି। କୋଉଠି ଗୁଡ଼ି ଉଡ଼ା ପ୍ରତିଯୋଗିତା ହୁଏ। ତେବେ ସ୍କୁଲ ବିଶେଷରେ ଛାତ୍ରଛାତ୍ରୀମାନେ ଧଳା କିମ୍ବା ପୀତବସ୍ତ୍ର ବ୍ୟବହାର କରିଥାନ୍ତି।

ଦେବୀ ସରସ୍ୱତୀଙ୍କ ପୂଜା ଆଉ ଭାରତ ଭୂଖଣ୍ଡରେ ସୀମାବଦ୍ଧ ନାହିଁ। ଚୀନ ଦେଶରେ ଲୋକେ ଚିନାମାଟିରେ ପ୍ରସ୍ତୁତି ସରସ୍ୱତୀଙ୍କୁ ପୂଜା କରନ୍ତି ଏବଂ ସେଦିନ ଧଳା ପୋଷାକ ପିନ୍ଧନ୍ତି। ଜାପାନର ସେ ପଟ୍ଟଚିତ୍ରରେ ପୂଜା ପାଆନ୍ତି। ରୁଷିଆରେ ସେଓ ଭୋଗରେ ତାଙ୍କୁ ପୂଜା କରାଯାଏ। ରୋମରେ ସରସ୍ୱତୀଙ୍କ ରଙ୍ଗ ନାଲି। ଏହି ରଙ୍ଗ ସେ ଦେଶପାଇଁ ଉନ୍ନତି ଓ ପ୍ରଗତିର ପ୍ରତୀକ; ନେପାଳତ ଆମ ପଡ଼ୋଶୀ ଦେଶ ଯିଏକି ଭାରତ ଦ୍ୱାରା ପ୍ରଭାବିତ; ପାକିସ୍ତାନ, ବଙ୍ଗଳାଦେଶ ଏବଂ ସିଂହଳ ଇତ୍ୟାଦିରେ ହିନ୍ଦୁ ସଂପ୍ରଦାୟମାନେ ପୂଜା କରନ୍ତି। ଆମେରିକା ଏବଂ ଇଂଲଣ୍ଡ ଇତ୍ୟାଦିରେ ପ୍ରବାସୀ ଭାରତୀୟମାନେ ମଧ୍ୟ ଏଥିରୁ ବାଦ୍ ନୁହଁନ୍ତି। ସରସ୍ୱତୀଙ୍କ ପୂଜା ବହୁ ପୁରାତନ। ଫ୍ରାନସ୍ ମ୍ୟୁଜିୟମରୁ ୧୧୦୦ ଖ୍ରୀଷ୍ଟାବ୍ଦର ଏକ ବିରଳ ସରସ୍ୱତୀ ମୂର୍ତ୍ତି ଆବିଷ୍କୃତ ହୋଇଛି। ସେହିପରି ତାଞ୍ଜୋର ମନ୍ଦିରରୁ ଏକ ମଧ୍ୟଯୁଗୀୟ ମୂର୍ତ୍ତି ଏବଂ ବ୍ରିଟିଶି ମ୍ୟୁଜିୟମରୁ ସରସ୍ୱତୀ ମୂର୍ତ୍ତିମାନ ଆବିଷ୍କାର କରିଛନ୍ତି। ଏମାନେ ବିଶେଷକରି ୧୧୦୦ ଶତାବ୍ଦୀର ବୋଲି ଅନୁମାନ କରାଯାଏ। ହିନ୍ଦୁ ପରମ୍ପରାରେ ସରସ୍ୱତୀଙ୍କ ପୂଜା ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ସେ ବିଦ୍ୟା ଓ ଜ୍ଞାନର ଦେବୀ। 'ବିଦ୍ୟା, ଜ୍ଞାନ ଏବଂ ବୁଦ୍ଧି', ସମୃଦ୍ଧି, ପ୍ରଗତି ଓ ଉନ୍ନତିର ପ୍ରବର୍ତ୍ତକ। ପୁନଶ୍ଚ ପବିତ୍ରତା ଓ ଶୁଦ୍ଧତା ବ୍ୟକ୍ତି ଚରିତ୍ରର ଦ୍ୟୋତକ। ଏସବୁର କରୁଣାମୟୀ ଦାତ୍ରୀ ଦେବୀ ମା' ସରସ୍ୱତୀ। ଆସନ୍ତୁ, ତାଙ୍କଠି ଶରଣ ଯିବା।

ବାକ୍‌ଦେବୀ ନମସ୍ତୁତେ।'

+ଅଧ୍ୟକ୍ଷ ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର, ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

ସୁଧାଂଶୁ ଶେଖର ଦ୍ୱିବେଦୀ

ଛତ୍ରପତି

ବହୁବର୍ଷ ପୂର୍ବେ ମହାରାଷ୍ଟ୍ରର ଜୁନର ନିକଟବର୍ତ୍ତୀ ଶିବନର ନାମକ ଗିରି ଦୁର୍ଗରେ ଏକ ପବିତ୍ର ଦିନରେ ମା' ଜିଜାବାଇ ଓ ପିତା ଶାହାଜୀଙ୍କ କୋଳ ମଣ୍ଡନ କରି ଭାରତ ମାତାର ବୀରପୁତ୍ର ଛତ୍ରପତି ଶିବାଜୀ ଜନ୍ମ ହୋଇଥିଲେ। ଶାହାଜୀ ଭୋଂସଲେ ପ୍ରଥମେ ଅହମ୍ମଦ ନଗର ସୁଲତାନଙ୍କ ଅଧୀନରେ ଚାକିରି କରୁଥିଲେ। ଯେଉଁଥିପାଇଁ ପୁନାରେ ତାଙ୍କୁ ଜାଗିରି ମିଳିଥିଲା। ପରେ ସେ ବିଜାପୁର ସୁଲତାନଙ୍କ ଅଧୀନରେ କାର୍ଯ୍ୟ କରିବାପାଇଁ ଚାଲିଯିବାରୁ ଶିବାଜୀ ମାତାଙ୍କ ନିକଟରେ ରହି ବାଲ୍ୟ ଜୀବନ କଟାଇଥିଲେ। ତାଙ୍କ ମା' ଜିଜାବାଇ ଜଣେ ଧର୍ମପରାୟଣା ତଥା ଆଦର୍ଶ ଜନନୀ ଥିଲେ। ସେ ଶିବାଜୀଙ୍କ ଶୈଶବ କାଳରୁ ବିଭିନ୍ନ ପ୍ରକାର ପୌରାଣିକ କାହାଣ

ଅନ୍ୟ ଧର୍ମରେ ସରସ୍ୱତୀ

ଡକ୍ଟର ଶ୍ରୀହରି ପଣ୍ଡା
ଗୌଡ଼ଗାଁ,କପ୍ତିପଦା, ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

ଭାରତୀୟ ସଂସ୍କୃତିରେ ଦେବୀ, ଭାରତୀ ବା ସରସ୍ୱତୀ, ବ୍ରାହ୍ମଣ୍ୟ, ଜୈନ ତଥା ବୌଦ୍ଧ ଧର୍ମଧାରାରେ ଏକ ଶ୍ରେଷ୍ଠ ସ୍ଥାନର ଅଧିକାରିଣୀ । ସେ ଆଦ୍ୟାଶକ୍ତି, ପଞ୍ଚପ୍ରକୃତି (ଜ୍ଞାନ, ବିଦ୍ୟା, ପ୍ରଜ୍ଞା, ବିବେକ ଓ ବ୍ରହ୍ମଶକ୍ତି) ର ସମାହାର । ସେ ପରା, ପଶ୍ୟନ୍ତୀ ମଧ୍ୟମା ଓ ବୈଖାରୀ ରୂପରେ ନାଭିଚକ୍ରରୁ ବାହାରି ହୃଦୟ ଓ କଣ୍ଠ ମଧ୍ୟ ଦେଇ ମୁଖରୁ ବାକ୍‌ଶକ୍ତି ରୂପରେ ପରିପ୍ରକାଶ ପାଇଥାଆନ୍ତି । ସରସ୍ୱତୀଙ୍କର ବର୍ଣ୍ଣନା ବେଦ, ଧର୍ମଶାସ୍ତ୍ର, ଅଷ୍ଟାଦଶ ପୁରାଣ ଏବଂ ବିଭିନ୍ନ କାବ୍ୟସାହିତ୍ୟ ଏପରିକି ତନ୍ତ୍ର ସାହିତ୍ୟରେ ଦେଖିବାକୁ ମିଳିଥାଏ । ଏହାସତ୍ତ୍ୱେ ଦେବୀ ମୂଳତଃ ନଦୀରୂପା । ସମ୍ଭବତଃ ସରସ୍ୱତୀ ନଦୀର ନୈସର୍ଗିକ ପ୍ରଭାବ ଦ୍ୱାରାହିଁ ବେଦ ସୂକ୍ତଗୁଡିକ ସୃଷ୍ଟି ହୋଇଥିବା ଉପଲବ୍ଧି କରି ଆର୍ଯ୍ୟ ମୁନି, ଋଷିଗଣ ଏହି ନଦୀ ସହିତ ବାକ୍‌ଦେବୀ ତଥା ଅମୃଣ ଋଷି କନ୍ୟାଙ୍କୁ ଏକ ଓ ଅଭିନ୍ନ, ଜ୍ଞାନଦାତ୍ରୀ ଦେବୀ ରୂପରେ ପରିକଳ୍ପନା କରିଥିଲେ । ଋକ୍‌ବେଦରେ 'ସରସ୍ୱତୀ' ଶବ୍ଦ ପ୍ରାୟ ୩୫ଥର ବ୍ୟବହାର ହୋଇଥିବା ବେଳେ ସେଥିରୁ ୫/୬ ଥର ନଦୀ ନିମନ୍ତେ ଓ ଅନ୍ୟ ନାମଗୁଡିକ ଜ୍ଞାନ ତଥା ବିଦ୍ୟାଦାତ୍ରୀ ବିଶେଷତଃ ମହାଶକ୍ତି, ମହାଚେତନା ଓ ମହାଜ୍ଞାନ ରୂପରେ ସଂକେତ କରିଥାଏ । ବୈଦିକ ଯୁଗରେ ତିନି ପ୍ରମୁଖ ଦେବୀ ଇଡା, ଭାରତୀ ଓ ସରସ୍ୱତୀଙ୍କର ମହତ୍ୱ ଥିବାବେଳେ ଯଜ୍ଞମାନଙ୍କରେ ସରସ୍ୱତୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ । ସାମବେଦରେ ତାଙ୍କୁ ବାକ୍ୟ ଓ ସ୍ୱରର ଅଧିଷ୍ଠାତ୍ରୀ ଦେବୀ ରୂପରେ ଚିତ୍ରିତ କରାଯାଇଛି । ଯଜୁର୍ବେଦରେ ସେ ଯଜ୍ଞୀୟ ବିଚାରବୋଧର ମହାମହିମଶାଳିନୀ ଶକ୍ତି ଅଟନ୍ତି । ବ୍ରାହ୍ମଣ ଓ ଉପନିଷଦ ଯୁଗରେ ତାଙ୍କୁ ଦିବ୍ୟଚେତନା ଦ୍ୟୋତକ ଶକ୍ତି ଭାବରେ ପରିକଳ୍ପନା କରାଯାଇଛି । ଶତପଥବ୍ରାହ୍ମଣରେ ବାକ୍ ହିଁ ସରସ୍ୱତୀ ଏବଂ ସେ ଯଜ୍ଞରୂପା ବୋଲି ଉଲ୍ଲେଖ ଅଛି । ବେଦ ଓ ବୈଦିକ ସାହିତ୍ୟମାନଙ୍କରେ ସରସ୍ୱତୀଙ୍କୁ ବିଭିନ୍ନ ଦେବତାଙ୍କ ସହ ସଂପୃକ୍ତ କରାଯାଇଥିବା ଭଳି ବୌଦ୍ଧ, ଜୈନ ଇତ୍ୟାଦି ଧର୍ମ ସହିତ ସରସ୍ୱତୀଙ୍କର ଆରାଧନା ଦେଖାଯାଏ ।

ବୌଦ୍ଧ ଧର୍ମରେ ସରସ୍ୱତୀଙ୍କ ସ୍ଥାନ ଅତି ଉଚ୍ଚରେ । ସେ ମଞ୍ଜୁଶ୍ରୀଙ୍କ ଶକ୍ତି ଏବଂ ବୌଦ୍ଧ ମହାଯାନ ବିଶ୍ୱାସରେ ସେ ଜାଙ୍ଗୁଳା-ତାରା ଓ ବଜ୍ରତାରା । ସେ ଶୁକ୍ଳବର୍ଣ୍ଣା, ଚତୁର୍ଭୁଜା, ବିଣାପାଣୀ ଓ ହଂସବାହିନୀ । ଏହି ଧର୍ମରେ ବଜ୍ରଯାନ ସମ୍ପ୍ରଦାୟରେ ସରସ୍ୱତୀ ପଞ୍ଚରୂପା- ଆର୍ଯ୍ୟସରସ୍ୱତୀ, ବଜ୍ରସରସ୍ୱତୀ, ବଜ୍ରବୀଣାସରସ୍ୱତୀ, ବଜ୍ରସାରଦା ଓ ମହାସରସ୍ୱତୀ ଅଟନ୍ତି । ଏହି ସବୁ ସରସ୍ୱତୀ ଏକ ବା ଏକାଧିକ ମୁଖ ହୋଇଥିବା ବେଳେ ଦୁଇ ବା ତତୋଳଧିକ ହସ୍ତ ଥିବା ଦେଖାଯାଏ । ଦେବୀଙ୍କ ସହ ତାଙ୍କ ଚାରିଗୁଣ ପ୍ରଜ୍ଞା, ମେଧା, ସ୍ମୃତି ଓ ମତି ନାମକ ସହଚରୀ ଥିବା ଦେଖାଯାଆନ୍ତି । ସେହିଭଳି ଜୈନ ବିଶ୍ୱାସରେ ଷୋହଳ ଜଣ ବିଦ୍ୟାଦେବୀ (ରୋହିଣୀ, ପ୍ରଜ୍ଞୋପ୍ତୀ, ବ୍ରଜା, ଶୃଙ୍ଖଳା, କାଳୀ, ମହାକାଳୀ, ଗୌରୀ, ମାନବୀ ଓ ନବଯକ୍ଷିଣୀ)ଙ୍କ ସମାହାର ହେଉଛନ୍ତି ଜ୍ଞାନଦେବୀ ସରସ୍ୱତୀ । ସେ ଶ୍ରୁତଦେବୀ ବା ବେଦରଦେବୀ ଭାବରେ ମଧ୍ୟ ପରିଚିତା । ସେ ବହୁ ଭୁଜା ବିଶିଷ୍ଟା । ମାତ୍ର ତାଙ୍କର ଚତୁର୍ଭୁଜା ପ୍ରତିମା ଅଧିକ । ବ୍ରାହ୍ମଣ୍ୟ ସରସ୍ୱତୀଙ୍କ ସହିତ ଜୈନ ସରସ୍ୱତୀଙ୍କ ବହୁ ସାମଞ୍ଜସ୍ୟ ଥିଲେ ମଧ୍ୟ ପ୍ରତିମାର ଭାବ ଓ ଭଙ୍ଗୀରେ କିଛି ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୋଇଥାଏ । ଦିଗମ୍ବର ସମ୍ପ୍ରଦାୟରେ ଦେବୀଙ୍କ ବାହନ ମୟୂର ଥିବା ବେଳେ ଶ୍ୱେତାମ୍ବରଙ୍କର ହଂସ । ଜୈନ ଧର୍ମରେ ସରସ୍ୱତୀଙ୍କୁ ନଦୀ ରୂପରେ ବିଶ୍ୱାସ କରାଯିବା ସହ ଶ୍ରୀପଞ୍ଚମୀ ଯାହା ଜ୍ଞାନପଞ୍ଚମୀ ନାମରେ ପରିଚିତ, ସେହିଦିନ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ । ବେଦ ଓ ବୈଦିକ ସାହିତ୍ୟରେ ସରସ୍ୱତୀଙ୍କୁ ବିଭିନ୍ନ ଦେବତାଙ୍କ ସହିତ ସଂପୃକ୍ତ କରାଯାଇଥିବା ଦେଖାଯାଏ । ମୁଖ୍ୟତଃ ସୂର୍ଯ୍ୟ, ଅଗ୍ନି, ଇନ୍ଦ୍ର, ମରୁତଙ୍କ ଶକ୍ତି ଭାବରେ ପରିକଳ୍ପନା ହୋଇଥିବା ଦେଖାଯାଏ । ସରସ୍ୱତୀ ମୁଖ୍ୟତଃ ଜଳଦେବୀ ହୋଇଥିବା ବେଳେ ତାଙ୍କ ବାହାନ ହଂସ ତାଙ୍କୁ ଆକାଶ ସହିତ ସଂଯୋଗ କରିଥାଏ । ଏହି ପରିପ୍ରେକ୍ଷୀରେ ତାଙ୍କଠାରେ ଜଳ ଓ ଆକାଶ ତତ୍ତ୍ୱର ଦେବତା ବିଷ୍ଣୁଙ୍କ ପତ୍ନୀ ଭାବରେ ଆଲୋଚିତ । ସରସ୍ୱତୀ ମଧ୍ୟ ଶୈବଧର୍ମ ସହ ସମ୍ପର୍କୀତା । ସେ ସିଦ୍ଧିଦାତ୍ରୀ, ମାହେଶ୍ୱରୀ ରୂପରେ ମଧ୍ୟ ପୂଜିତା । କେତେକ ଧର୍ମଶାସ୍ତ୍ରରେ ସରସ୍ୱତୀଙ୍କୁ ଶିବଙ୍କ ଶକ୍ତି ଦୁର୍ଗାଙ୍କ ସହିତ ସମ୍ପର୍କିତ କରାଯାଇଥିବା ଦେଖାଯାଏ । ଏହି ପରିପ୍ରେକ୍ଷୀରେ ଝଙ୍କଡର ଶାରଳା, ଦୁର୍ଗା ଓ ସରସ୍ୱତୀଙ୍କ ମିଶ୍ରିତ ପରିକଳ୍ପନା । ଦେବୀ ଅଷ୍ଟଭୁଜା ମହିଷାମର୍ଦ୍ଦିନୀ ହୋଇଥିବା ସତ୍ତ୍ୱେ ତାଙ୍କ ହସ୍ତରେ ରହିଛି ବୀଣା ଓ ପୁସ୍ତକ । ଅନ୍ୟାନ୍ୟ ହସ୍ତରେ ଖଡଗ, ଧନୁ, ଶୂଳ, ଘଣ୍ଟ, ଜାଲ ଓ ଅସୁରର କେଶ । ମା'ଙ୍କର ଗୋଟିଏ ପାଦ ଭୂମିରେ ତ ଅନ୍ୟଟି ସିଂହ ପୃଷ୍ଠରେ । ସ୍କନ୍ଦପୁରାଣରେ ସରସ୍ୱତୀଙ୍କୁ ଶିବଙ୍କର ଶକ୍ତି ଭାବରେ ଅଭିହିତ କରାଯାଇଛି । ସେହିଭଳି ସରସ୍ୱତୀଙ୍କୁ ବ୍ରହ୍ମାଙ୍କ ବିଭୂତିରୁ ଜାତ କୁହାଯାଉଥିଲେ ହେଁ ଅନେକତ୍ର ବ୍ରହ୍ମାଙ୍କ ପତ୍ନୀ ରୂପରେ ମଧ୍ୟ ବର୍ଣ୍ଣିତ ହୋଇଥିବା ଦେଖାଯାଏ । ଏହି ପ୍ରସଙ୍ଗରେ କୈଷୀତକୀ ଉପନିଷଦର ବର୍ଣ୍ଣନା ଅଧିକ ପ୍ରାସଙ୍ଗିକ ମନେହୁଏ । ସେଥିରେ ପ୍ରଜାପତି ହେଉଛନ୍ତି ପରବ୍ରହ୍ମଙ୍କ ମନ ଓ ବାଗବୈ ସରସ୍ୱତୀ -ଭାଷା ହିଁ ସରସ୍ୱତୀ । ଏଣୁ ମନରୁ ଜାତ ଭାଷା - ମନ ଯଦି ଚିତ୍ତ ହୁଏ ଭାଷା ତାର କନ୍ୟା । ମନରେ ଭାହା ଉଦ୍ରେକ ହେଲେ ଭାଷା ରୂପୀ କନ୍ୟାଠାରୁ ଶବ୍ଦ ରୂପକ ପୁତ୍ର ଜାତ ହୁଏ । ଏଣୁ ଏଥିରେ କୌଣସି ପ୍ରକାର ପାପ ନାହିଁ । ବୈଦିକ ଆର୍ଯ୍ୟମାନେ ସରସ୍ୱତୀ ନଦୀକୁ ଜ୍ଞାନର ଉତ୍ସ ତଥା ଦେବୀ ରୂପରେ ପରିକଳ୍ପନା କରିଥିବା ବେଳେ ଜ୍ଞାନାଲୋକର ପ୍ରତୀକ ଭାବେ ଦେବୀଙ୍କ ରୂପ ପରିକଳ୍ପନାରେ ଶୁଭ୍ରତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଦେବୀଙ୍କ ଆୟୁଧ ବୀଣା ସ୍ୱର୍ଗୀୟ ଶବ୍ଦର ସୃଷ୍ଟିକର୍ତ୍ତା, ପୁସ୍ତକ ଜ୍ଞାନର ସଂକେତ, ଶ୍ୱେତପଦ୍ମ ନିର୍ମଳତା ତଥା ସଚେତନତାର ପ୍ରତୀକ ଅଟେ । ଅକ୍ଷମାଳ ଏକାଗ୍ରତାକୁ ସୂଚାଉଥିବା ବେଳେ କମଣ୍ଡଳୁ ପବିତ୍ରତାର ସଂକେତ । ତାଙ୍କ ବାହନ ସିଂହ ଜ୍ଞାନଶକ୍ତି, ମେଷ ଶୁଦ୍ଧତା, ହଂସ ଉର୍ଦ୍ଧ୍ୱଗାମୀ ବା ଉଚ୍ଚତର ଚେତନାର ପ୍ରତୀକ । ଏଣୁ ଆଜିର ଦିନରେ ମା'ଙ୍କର ଏହି ନିର୍ମଳତା ସମସ୍ତଙ୍କର ଧ୍ୟାନ ହେଉ ଏବଂ ସମସ୍ତଙ୍କ ମନରୁ ଅଜ୍ଞାନତା ଲୋପ ପାଇ ଜ୍ଞାନ ଦୀପ ପ୍ରଜ୍ୱଳିତ ହେଉ ଏହା ହିଁ ସରସ୍ୱତୀଙ୍କ ନିକଟରେ ପ୍ରାର୍ଥନା ।

॥ ଜୟ ଜଗନ୍ନାଥ ॥

ପୁରୁଣାରୁ ପୁରୁଣା ଅର୍ଶକୁ ସମୂଳେ ନାଶ କରିବାର କ୍ଷମତା ରଖେ ପାନପତ୍ର

ଭୋଜନ ପରେ ଖାଦ୍ୟ ହଜମ ପାଇଁ ଖିଆଯାଉଥିବା ପାନପତ୍ର ଯେ କେବଳ ସ୍ୱାଦ ପାଇଁ ଖିଆଯାଏ ତାହା ନୁହଁ ଏଥିରେ ଆପଣଙ୍କ ଅନେକ ସମସ୍ୟାର ସମାଧାନ ମଧ୍ୟ ହୋଇଥାଏ । ତେବେ ଆସନ୍ତୁ ଜାଣିବା ପାନପତ୍ରର ଉପକାରିତା ବିଷୟରେ କିଛି ।

✱ ଆଂଟିସେପ୍ଟିକ – ପାନପତ୍ର ଆଂଟିସେପ୍ଟିକ ଭଳି କାମ କରିଥାଏ । କୌଣସି ସ୍ଥାନରେ କ୍ଷତ ହୋଇଥିଲେ ପାନପତ୍ରକୁ ବାଟି ଲଗାଇଲେ କିମ୍ବା କୌଣସି ସ୍ଥାନରେ ଫ୍ୟାକ୍ଚର ହୋଇଥିଲେ ପାନପତ୍ରକୁ ଗୋଡାଇଲେ ଉପସମ ମିଳିଥାଏ ।

✱ନାକରୁ ରକ୍ତ ପଡୁଥିଲେ ପାନପତ୍ରକୁ ଶୁଙ୍ଘିଲେ ମଧ୍ୟ ଉପସମ ମିଳିଥିଲେ । ଥକ୍କାପଣ, ନିଦ୍ରାହୀନତା କିମ୍ବା ଆଖିରେ କୌଣସି ସମସ୍ୟା ଦେଖାଗଲେ ଆଖି ଲାଲ୍ ପଡିଥିଲେ ତେବେ ପାନପତ୍ର ଫୁଟାଇ ଏହାକୁ ଥଣ୍ଡା କରି ଏହାର ପାଣିକୁ ଆଖିରେ ଛିଟା ମାରନ୍ତୁ ।

✱ଯଦି ଆପଣଙ୍କ କଥା କହିବା ସମୟରେ ଉଚ୍ଚାରଣ ମୋଟା ହୁଏ ତେବେ ପାନ ଖାଇବା ଏବଂ ପାନପତ୍ର ଫୁଟାପାଣି ପିଇବା ଅଧିକ ଲାଭଦାୟକ ହେବ । ଏଥିରେ ଗଳା ସମସ୍ୟା ଠିକ୍ ହେବା ସହ ଉଚ୍ଚାରଣରେ ବି ସୁଧାର ଆସିଥାଏ ।

✱ଦାନ୍ତମାଢିରୁ ରକ୍ତ ବାହାରୁଥିଲେ ପାନପତ୍ର ଫୁଟାପାଣିରେ ଗଳଗଳ କଲେ ମାଢିରୁ ରକ୍ତ ବାହାରିବା ବନ୍ଦ ହୋଇଥାଏ । ପାନପତ୍ରର ୭ ଟି ପତ୍ରକୁ ଦୁଇକପ୍ ପାଣିରେ ଚିନି ମିଶାଇ ଫୁଟାଇଲେ ଏହା ଯେତେବେଳେ ୧ ଗ୍ଲାସ୍ ହୋଇଯିବ ଏହାକୁ ପିଅନ୍ତୁ ଦିନରେ ୩ ଥର ଏହାକୁ ପିଇଲେ ବ୍ରୋକାଇଟିସ୍ ଠାରୁ ଉପସମ ମିଳିଥାଏ ।

✱ କଫ: ପାନର ୧୫ ଟି ପତ୍ର ନେଇ ୩ ଗ୍ଲାସ୍ ପାଣିରେ ଫୁଟାନ୍ତୁ । ଏକ-ତୃତୀୟାଂଶ ପାଣି ରହିଗଲେ ଏହାକୁ ୩ ଥର ଦିନରେ ପିଅନ୍ତୁ । ଏଥିରେ କଫରୁ ଉପସମ ମିଳିଯିବ ।

✱ ଶରୀରର ଦୁର୍ଗନ୍ଧ : ଶରୀରରେ ଅଧିକ ସମୟ ଦୁର୍ଗନ୍ଧ ରହୁଥିଲେ ପାନର ୫ ଟି ପତ୍ର ଦୁଇକପ୍ ପାଣିରେ ଫୁଟାଇ ଦ୍ୱିପ୍ରହର ସମୟରେ ପିଇବା ଦ୍ୱାରା ଶରୀରକୁ ଏହାର ଲାଭ ମିଳିଥାଏ ।

✱କୁଣ୍ଡିଆ ଶରୀରରେ କୁଣ୍ଡିଆ ଭଳି ଅସୁବିଧା ଦେଖାଗଲେ ଗରମ ପାଣିରେ ପାନପତ୍ର ପକାଇ ଗାଧାନ୍ତୁ ।

✱ ସ୍ତନପାନ: ସ୍ତନପାନ ସମୟରେ ଅସୁବିଧା ହେବା ଭଳି ସମସ୍ୟା ଦେଖାଯାଉଥିଲେ ପାନପତ୍ରରେ ନଡିଆ ତେଲ ଲଗାଇ ହାଲୁକା ଗରମ କରନ୍ତୁ ଏବଂ ସ୍ତନ ପାଖରେ ରଖିଦିଅନ୍ତୁ । ଏଥିରେ ଅସୁବିଧା କମ୍ ହେବ ।

✱ ଅର୍ଶ: ଗୋଟିଏ ଦିନ କେବଳ ପାନପତ୍ର ଚୋବାଇ ଖାଆନ୍ତୁ ଆଉ କିଛି ଖାଆନ୍ତୁ ନାହିଁ । ୨୪ ଘଂଟା ଭିତରେ ଅର୍ଶ ସମସ୍ୟା ଦୂର ହୋଇଯିବ ।

ବଳିଦାନୀ ବାଳକ ବୀର ହକୀକତ ରାୟ

ଡ. ସମନ୍ୱୟ ନନ୍ଦ

ଏହି ଧରାପୃଷ୍ଠରେ ଯିଏ ଜନ୍ମ ନେଇଛି ତାର ମୃତ୍ୟୁ ସୁନିଶ୍ଚିତ । ଏଭଳି କେହି ନାହାନ୍ତି ଯେ ସବୁ ଦିନ ପାଇଁ ଅମର ହୋଇ ରହିଛନ୍ତି । ତେବେ ଏଭଳି ଲୋକ ଯେଉଁ ମାନେ ନିଜର ସଂସ୍କୃତି ପରମ୍ପରା ଓ ଧର୍ମ ପାଇଁ ସର୍ବୋଚ୍ଚ ବଳିଦାନ ଦିଅନ୍ତି ସେମାନଙ୍କର ଜୀବନ ସାର୍ଥକ ହୋଇଥାଏ। ସେମାନେ ତାଙ୍କର ବଳିଦାନ ଦ୍ୱାରା ନିଜ ଧର୍ମ ସଂସ୍କୃତିର କେବଳ ରକ୍ଷା କରି ନ ଥାନ୍ତି ବରଂ ସବୁଦିନ ପାଇଁ ସେମାନେ ଅମର ହୋଇଯାଆନ୍ତି । ସମଗ୍ର ଜାତି ତାଙ୍କୁ ମନେ ରଖେ । ତାଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରେ, ପରବର୍ତୀ ପୀଢୀ ପାଇଁ ସେମାନେ ଉଦାହରଣ ହୋଇଯାଆନ୍ତି । ଏଭଳି ଜଣେ ବାଳକ ହେଉଛନ୍ତି ବୀର ହକୀକତ ରାୟ । ୧୭୯୦ ମସିହାରେ ସିଆଲକୋଟ, ବର୍ତମାନ ପାକିସ୍ତାନରେ ତାଙ୍କର ଜନ୍ମ ହୋଇଥିଲା । ବାଳକ ହକୀକତ ତାଙ୍କ ପରିବାରରୁ ଧାର୍ମିକ ଶିକ୍ଷା ଓ ସଂସ୍କାର ପାଇଥିଲେ ଓ ଧର୍ମ ରକ୍ଷା ପାଇଁ ନିଜକୁ ବଳିଦାନ କରି ଦେଇଥିଲେ । ତାଙ୍କର ଏହି ବଳିଦାନ ଇତିହାସର ସ୍ୱର୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେତେବେଳେ ଲାହୋରରେ ମୁସଲମାନ ମାନଙ୍କର ରାଜତ୍ୱ ଥିଲା । ମୁସଲମାନ ମାନଙ୍କର ରାଜତ୍ୱ ଥିବା କାରଣରୁ ସେତେବେଳେ ପ୍ରଶାସନ ଇସଲାମକୁ ଲୋକ ମାନଙ୍କର ମୁକ୍ତିର ମାର୍ଗ ବୋଲି ପ୍ରଚାର କରୁଥିଲା । ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର କରାଯାଉଥିଲା । ଇସଲାମ ଗ୍ରହଣ କରିବାକୁ ସେମାନଙ୍କ ଉପରେ ଚାପ ପ୍ରୟୋଗ କରାଯାଉଥିଲା । ସେମାନଙ୍କୁ ପ୍ରଲୋଭନ ମଧ୍ୟ ଦିଆଯାଉଥିଲା । ଏହି କାମ ପାଇଁ ହିଂସାର ସାହାରା ମଧ୍ୟ ନିଆଯାଉଥିଲା । ଏହି କାଳଖଣ୍ଡରେ ଜନ୍ମ ହୋଇଥିବା ହକୀକତ ରାୟ ୧୧ ବର୍ଷ ବୟସରଙ୍କ ଜଣେ ମୌଲବୀ ନିକଟକୁ ପାର୍ସୀ ଶିଖିବାକୁ ଯାଉଥିଲେ । କାରଣ ସେତେବେଳେ ପାର୍ସୀ ସରକାରୀ ଭାଷା ଥିଲା ।ମୁସଲମାନ ମାନଙ୍କର ରାଜତ୍ୱ କାରଣରୁ ପାର୍ସୀ ରାଜଦରବାରର ଭାଷା ଥିଲା । ପାର୍ସୀ ନ ଶିଖିଲେ କୌଣସି ପ୍ରକାର ଚାକିରୀ ମିଳିବାର ସମ୍ଭାବନା ନ ଥିଲା । ମୁସଲମାନ ମୌଲବୀଙ୍କ ନିକଟରେ ପଢୁଥିବା ବେଳେ ତାଙ୍କର କୌଣସି ସହପାଠୀଙ୍କ ସହ ବିବାଦ ହୋଇଥିଲା । ତାଙ୍କର ସହପାଠୀ ଜଣଙ୍କ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ଅପଶବ୍ଦ କହିଥିଲା । ଏହା ଫଳରେ ୧୧ ବର୍ଷୀୟ ବାଳକ ଚୁପ ରହି ପାରିଲା ନାହିଁ । ସେ ମଧ୍ୟ ସାହସ ପୂର୍ବକ ତାର ଜବାବ ଦେଲା । ଏହି ବିବାଦ ଧୀରେ ଧୀରେ ଉଗ୍ର ରୂପ ଧାରଣ କଲା । ସେହି ସ୍ଥାନକୁ କିଛି ମୌଲବୀ ଆସି ପହଂଚି ଗଲେ । ବାଳକ ହକିକତରାୟର ମୁଖରୁ ଇସଲାମର ନିନ୍ଦା ଶୁଣି ସେମାନେ କ୍ରୋଧରେ ତମ ତମ ହୋଇଗଲେ । ସେମାନେ ଏତେ ମାତ୍ରାରେ ରାଗିଲେ ଯେ ସେମାନେ ବାଳକକୁ ମାରିବାକୁ ଉଦ୍ୟତ ହେଲେ । ବିବାଦ ବଢିବାରୁ ମାମଲା ନ୍ୟାୟାଧୀଶ (କାଜୀ)ଙ୍କ ନିକଟରେ ପହଂଚିଲା । ମାମଲାର ଶୁଣାଣୀ ହେଲା । କାଜୀ ମହୋଦୟ ରାୟ ଦେଲେ ଯେ ବାଳକ ହକୀକତ ରସୁଲ ଓ କୁରାନର ଅବମାନନା କରିଛି । ତେଣୁ ସେ ତାର ଭୁଲକୁ ସ୍ୱୀକାର କରି ଇସଲାମକୁ ଆପଣାଉ । ନ ହେଲେ ଶରିୟତ ଆଇନ ଅନୁଯାୟୀ ତାର ପ୍ରାଣ ନିଆଯିବ । ବାଳକ ହକୀକତ ଏହି ରାୟକୁ ଧୈର୍ଯ୍ୟ ପୂର୍ବକ ଶୁଣିଲା । ଏହି ରାୟ ଶୁଣିଲା ବେଳେ ତାର ଚେହେରାରେ ଟିକେ ହେଲେ କଷ୍ଟ ହେଉ ଥିବା ଭଳି ଦେଖା ଯାଉ ନଥିଲା । ଏହି ରାୟ ଶୁଣି ବାଳକର ମାତା କୌରାଲ ଭାଙ୍ଗି ପଡିଲେ । ସେ ତାଙ୍କ ପୁଅକୁ ବୁଝାଇଲେ ପୁଅ କଣ ଏଇଥି ପାଇଁ ମୁଁ ତୋତେ ଜନ୍ମ ଦେଇଥିଲି । ତୁ କ୍ଷମା ମଗି ଇସଲାମ ଗ୍ରହଣ କରି । ଏହା ଦ୍ୱାରା ତୁ ବଂଚି ଯାଇ ପାରିବୁ ଓ ମୁଁ ତେତେ ତେଖି ପାରିବି । କିନ୍ତୁ ବାଳକ ହକୀକତ ମୃତ୍ୟୁ ପ୍ରତି ଭୟଭୀତ ନ ଥିଲା । ସେ ନିର୍ଭୀକତାର ସହିତ ତାର ମାକୁ କହିଲା ଯେ ମୁଁ ଧର୍ମ କ୍ଷେତ୍ରରେ ଠିଆ ହୋଇଛି । ମୁଁ ସର୍ବଦା ଧର୍ମର ପାଳନ କରି ଆସିଛି । ତୁ ମୋତେ ସବୁବେଳେ ପ୍ରାଚୀନ ମୁନି ଋଷିଙ୍କ ବାଣୀକୁ ଶୁଣାଇ ଧର୍ମର ଆଚରଣ କରିବାକୁ ଶିକ୍ଷା ଦେଇ ଆସିଛୁ । ତେଣୁ ମୁଁ ଧର୍ମ ମାର୍ଗରୁ ବିଚଳିତ ହେବି ନାହିଁ । ଧର୍ମର ରକ୍ଷା ପାଇଁ ଗୋଟିଏ ଜୀବନ କଣ ହଜାର ହଜାର ଜୀବନ ଦେବାକୁ ମୁଁ ପ୍ରସ୍ତୁତ ଅଛି । ଏହି ମାମଲା ଲାହୌରର ନବାବଙ୍କ ନିକଟକୁ ଆସିଲା । ବାଳକ ହକୀକତକୁ ଅନେକ ପ୍ରକାର ପ୍ରଲୋଭନ ଦିଆଗଲା । ତାଙ୍କର ମୁଣ୍ଡ କାଟ କରିବାକୁ ଭୟ ମଧ୍ୟ ଦେଖାଗଲା । କିନ୍ତୁ ଧର୍ମ ଯୋଦ୍ଧା ବାଳକ ହକୀକତ ତାର ନିଷ୍ପତିରେ ଅଟଳ ରହିଲା । ବାଳକର ମା ତାଙ୍କ ପୁଅକୁ ବୁଝାଇବାରେ ଲାଗିଥିଲେ, ପୁଅ ଇସଲାମ ଗ୍ରହଣ କରି ବଂଚି ରହ । ତେବେ ଏହାର କୌଣସି ପ୍ରଭାବ ବାଳକ ହକୀକତ ଉପରେ ପଡି ନ ଥିଲା । ସେ ତାର ସଂକଳ୍ପରେ ଅଟଳ ଥିଲା । ସେ ମୌଲବୀକୁ ନିଜର ବେକ ଦେଖାଇ କହିଲା ଯେ ଏହି ମୁଣ୍ଡକୁ ଶୀଘ୍ର କାଟି ନିଅ, ହେଲେ ତୁମର ଇସଲାମ ଅସମ୍ପୂର୍ଣ ରହି ଯାଇ ପାରେ । ଅଉ ବିଳମ୍ବ କର ନାହିଁ । ବାଳକର ମାତା ଓ ଅନ୍ୟ ସମ୍ପର୍କୀୟ ମାନେ କାନ୍ଦୁଥିଲେ କିନ୍ତୁ ବାଳକ ହକିକତ ପ୍ରସନ୍ନ ଚିତରେ ଦଣ୍ଡାୟମାନ ଥିଲା । ଜଣେ ବ୍ୟକ୍ତି ତାଙ୍କର ମୁଣ୍ଡକୁ ଶରୀରରୁ ଅଲଗା କରି ଦେଇଥିଲା । ସବୁ ଆଡେ ତ୍ରାହି ତ୍ରାହି ହୋଇଗଲା । ଜଣେ ନିରପରାଧ ଏବଂ ଅବୋଧ ବାଳକ ବୀର ହକୀକତ ରାୟ ମୌଳବାଦୀ ମୁସଲମାନ ମାନଙ୍କର ଶୀକାର ହୋଇଗଲା । ସେହି ଦିନ ବସନ୍ତ ପଂଚମୀ ଥିଲା । ବସନ୍ତ ପଂଚମୀ ଦିନ ହିଁ ବୀର ହକୀକତ ରାୟ ବଳିଦାନ ଦେଇଥିଲେ । ଯେ ପର୍ଯ୍ୟନ୍ତ ହିନ୍ଦୁ ଜାତି ଥିବ ସେ ପର୍ଯ୍ୟନ୍ତ ରାମ ଓ କୃଷ୍ଣଙ୍କର ଏହି ଭକ୍ତ ବୀର ହକୀକତ ରାୟ ଅମର ହୋଇ ରହିବେ । ତାଙ୍କର ବଳିଦାନ ସ୍ଥଳ ଆଜି ପାକିସ୍ତାନରେ ରହିଛି । ସବୁଠାରୁ ଦୁର୍ଭାଗ୍ୟର ବିଷୟ ଯେ ପାକିସ୍ତାନରେ ଆଜି ମଧ୍ୟ ଇଶ ନିନ୍ଦା ଆଇନ ନାମରେ ଏକ ଆଇନ ରହିଛି , ଯାହା ଫଳରେ ଅଣ ମୁସଲମାନ ମାନଙ୍କୁ ବିନା ପ୍ରମାଣରେ ଜେଲରେ ଭର୍ତି କରାଯାଉଛି, ଫାସି ଦିଆଯାଉଛି । ପବିତ୍ର ବସନ୍ତ ପଂଚମୀ ଦିବସରେ ଏଭଳି ଜଣେ ପୁଣ୍ୟାତ୍ମାଙ୍କୁ ମନେ ପକାଇବା ଓ ତାଙ୍କ ଠାରୁ ପ୍ରେରଣା ନେବା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ ।

ପ୍ରେମର ଅବୁଝା ବ୍ୟାକରଣ

ବ୍ରଜକିଶୋର ମଲ୍ଲିକ

ପ୍ରେମ- ଜୀବନବେଦର ପ୍ରଥମ ଓଁକାର । ଜୀବନବୀଣାର ପ୍ରଥମ ଝଙ୍କାର । ଦୁଇଟି ପ୍ରାଣର ସ୍ୱତଃସ୍ଫୂର୍ତ୍ତ ଆବେଗ- ବିଭୋର ଆକର୍ଷଣରେ ଛନ୍ଦି ହୋଇଥିବା ସମ୍ପର୍କ ହିଁ ପ୍ରେମ । ଅନୁଭବର ବର୍ଣ୍ଣାଳୀ, ଶ୍ରଦ୍ଧାର ସି

କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ମାସିକ ପରିକ୍ରମା ଓ ବନ୍ଧୁ ମିଳନ

କେନ୍ଦ୍ରାପଡ଼ା,୧୫।୨ (ନି.ପ୍ର): କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ମାସିକ ସହର ପରିକ୍ରମା ଓ ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ମହମ୍ମଦ ଇଲିଆସ(ହାଜି ବାବୁ) ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସାଇକେଲ ଶତାଧିକ ଆରୋହୀ ମାନେ ଏଠାରୁ ପରିକ୍ରମା ଆରମ୍ଭ କରି ସହର ପରିକ୍ରମା ସହ ତ୍ରିଲୋଚନପୁର ପର୍ଯ୍ୟନ୍ତ ଯାଇ ପ୍ରତ୍ୟାବର୍ତନ କରିଥିଲେ । ପରେ ଜିଲ୍ଲା କାର୍ଯ୍ୟାଳୟ ଠାରେ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା । ପ୍ରକୃତି ବନ୍ଧୁ ଶତୃଘନ ସେଠୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଚାରା ବୃକ୍ଷ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏସଡିପିଓ ରାଜୀବ ଲୋଚନ ପଣ୍ଡା, ମାତୃଦତ ମହାନ୍ତି, ସାମ୍ବାଦିକ ବିରେନ୍ଦ୍ର ଦାସ ଙ୍କ ସମେତ ବହୁ ଯୁବକ, ସାମ୍ବାଦିକ ଓ ସମାଜସେବୀ ଉପସ୍ଥିତ ଥିଲେ ।

ସରକାରଙ୍କ ଯୋଜନା ପ୍ରତି ଆନ୍ତରିକତାର ଅଭାବ : ସରୁନାହିଁ ବିଜୁ ସେତୁ ପ୍ରକଳ୍ପ କାର୍ଯ୍ୟ

କେନ୍ଦୁଝର,୧୫।୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ବିକାଶ ଯେ ବାଟବଣା ହୋଇପଡିଛି ତାହା ଅବଶ୍ୟ ଆଉ କାହାର ବୁଝିବାକୁ ବାକି ନାହିଁ । ଯାହାର ସ୍ପଷ୍ଟ ଚିତ୍ର ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳରେ ଦେଖିବାକୁ ଅବଶ୍ୟ ଦେଖିବାକୁ ମିଳିବା ସମ୍ପର୍କରେ ବିଭିନ୍ନ ସମୟରେ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରି ଆସୁଥିବା ବେଳେ ଏବେ ଅନୁରୂପ ଘଟଣାର ଏକ ଝଲକ ପୁଣି ଜିଲ୍ଲାର ଗୁରୁତ୍ୱପୁର୍ଣ୍ଣ ଝୁମ୍ପୁରା ବ୍ଲକରେ ଦେଖିବାକୁ ମିଳିଛି । ଏହା ଅନ୍ତରାଳେ ପ୍ରଶାସନିକ ଅପାରଗତା ହେଉ ବା ପ୍ରକଳ୍ପର ଦାୟିତ୍ୱରେ ଥିବା ଥିବା ଅଧିକାରୀଙ୍କ ଆନ୍ତରିକତାର ଅଭାବ ଆଦି ଯାହା ବି ହେଉ ଏହା ମଧ୍ୟ ସତ୍ୟ ଯେ ଅଧିକାରୀଙ୍କର ଏତାଦୃଶ୍ୟ ହେୟ ମନୋଭାବ ସରକାରଙ୍କ ପ୍ରୀୟ ଲୋକାଭିମୁଖୀ ଯୋଜନା ଗୁଡିକର ସଫଳତା କ୍ଷେତ୍ରରେ ଯେ କେବଳ ବାଧକ ସୃଷ୍ଟି କରୁନାହିଁ ଅଧିକନ୍ତୁ ସରକାରଙ୍କୁ ନିନ୍ଦିତ କରିବା ଦିଗରେ ଖୋରାକ୍ ଯୋଗାଉଥିବା ଚର୍ଚ୍ଚାର ସତ୍ୟତାକୁ ଏଡାଇ ଦିଆଯାଇ ପାରୁନାହିଁ । କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ବ୍ଲକ ଅନ୍ତର୍ଗତ ମଲଦା ଗ୍ରାମପଂଚାୟତର ପଟୁଆକୁଦର ସହିତ ବସନ୍ତପୁର ଗ୍ରାମ ପଂଚାୟତକୁ ସଂଯୋଗ କରିବା ଲକ୍ଷ୍ୟରେ ବୈତରଣୀ ନଦୀ ଉପରେ ଆରମ୍ଭ କରାଯାଇଥିଲା ବିଜୁସେତୁ ଯୋଜନା । କିନ୍ତୁ ଏବେ ସେହି ବିଜୁସେତୁ ଯୋଜନା ହୋଇ ପଡିଛି ଦିଗହରା । ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଅଧପନ୍ତରିଆ ହୋଇ ପଡି ରହିଛି ଏହି ବିଜୁସେତୁ ପ୍ରକଳ୍ପ । ଏପରିକି ସେତୁ ନିର୍ମାଣ କାମ କରୁଥିବା ଠିକାଦାର ମଧ୍ୟ ଇତି ମଧ୍ୟରେ ନିଜର ସମସ୍ତ ମେସିନ୍ ସହିତ କାମରେ ନିୟୋଜିତ କରିଥିବା କର୍ମଚାରୀ, ଶ୍ରମିକ ମାନଙ୍କୁ ସେଠାରୁ ହଟାଇ ନେଇଛି । ପ୍ରକାଶ ଯେ, ବୈତରଣୀ ନଦୀ ଉପରେ ଏହି ବିଜୁସେତୁର ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଜଙ୍ଗଲାଚଂଳରେ ରହିଥିବା ମଲଦା, ବସନ୍ତପୁର ଆଦି ଗ୍ରାମପଂଚାୟତ ଅଧିବାସୀ ମାନଙ୍କ ଯାତାୟତର ବାଟ ଫିଟିବା ସହିତ ନିକଟସ୍ଥ ବାଂଶପାଳ ବ୍ଲକର ଫୁଲଝର ଗ୍ରାମ ପଂଚାୟତବାସୀ ମଧ୍ୟ ଉକ୍ତ ସେତୁ ଦ୍ୱାରା ଉପକୃତ ହେବେ । ଯେଉଁଥିପାଇଁ ଏଠାରେ ସେତୁ ନିର୍ମାଣ ଜରୁରୀ ହୋଇ ପଡିଥିବା ବେଳେ ସରକାର ମଧ୍ୟ ଆବଶ୍ୟକତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଜୁ ସେତୁ ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ବିଜୁସେତୁ ଯୋଜନା ହେବା ଜାଣି ଉକ୍ତ ଅଂଚଳବାସୀଙ୍କ ମନରେ ଉତ୍ସାହ ଭରିଯାଇଥିଲା । ବିଜୁସେତୁ ଯୋଜନା ପାଇଁ ୯ କୋଟି ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଟେଣ୍ଡର କରାଯାଇ ବୈତରଣୀ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ସୂଚନା ଫଳକର ତଥ୍ୟନୁଶାରେ କାର୍ଯ୍ୟ ଆରମ୍ଭ ସମୟ ୨୦୧୬ ଏପ୍ରିଲ ମାସ ୫ ତାରିଖ ରହିଥିବା ବେଳେ କାର୍ଯ୍ୟ ଶେଷ ୨୦୧୮ ଏପ୍ରିଲ ମାସ ୪ ତାରିଖ ରହିଥିଲା । କିନ୍ତୁ, ଏବେ ଶେଷ ହେବା ତାରିଖରୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ବିଜୁବାବୁଙ୍କ ନାମରେ ନାମିତ ଏହି ସେତୁ ଶେଷ ହେବାର ନାମ ଧରୁନାହିଁ । ଏହି ଘଟଣାରୁ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡିକର ସୁଫଳ ଲୋକମାନଙ୍କ ନିକଟରେ ପହଂଚାଇବା ଦିଗରେ କେନ୍ଦୁଝର ଜିଲ୍ଲା ପ୍ରଶାସନ କେତେଦୂର ଆଗ୍ରହୀ ତାହା ଏକ ପ୍ରକାର ସ୍ପଷ୍ଟ ହୋଇଛି କୁହାଯାଇପାରେ । ଜିଲ୍ଲାରେ ଏହା କେବଳ ଗୋଟିଏ ଘଟଣା ନୁହେଁ , ଏଭଳି ବହୁ ଘଟଣା ହୁଏତ କେନ୍ଦୁଝର ଭଳି ଜିଲ୍ଲାରେ ହିଁ ଦେଖିବାକୁ ମିଳିଥାଏ । ସରକାରଙ୍କ ଯୋଜନା ପ୍ରତି ଏତାଦୃଶ୍ୟ ପ୍ରଶାସନିକ ଅବହେଳା ଅନ୍ତରାଳେ ରାଜନୈତିକ ନେତୃତ୍ୱଙ୍କ ପାରିବା ପଣିଆକୁ ମଧ୍ୟ ଏଡାଇ ଦିଆଯାଇ ପାରିବ ନାହିଁ । ଅନ୍ୟପକ୍ଷରେ ପୋଲ ନିର୍ମାଣ ହେଉଥିବା ସ୍ଥାନରେ ନଦୀ ଭିତରେ ବିପଦ ଶଙ୍କୁଳ ଡାଇଭରସନରେ ଯାତାୟତ ଯେପରି ଏକ ପ୍ରକାର ବାଧ୍ୟତାମୂଳକ ହୋଇଛି । ପାହାଡିଆ ଅଚଂଳ ହୋଇଥିବା ହେତୁ ବର୍ଷା ଦିନରେ ଜଙ୍ଗଲାଚଂଳର ପାଣି ନଦୀରେ ପଶିଲେ ଡାଇଭରସନ ଧୋଇ ହୋଇଯାଉଛି । ବିପଦଶଙ୍କୁଳ ଅବସ୍ଥାରେ ନଦୀ ପାଣିରେ ପଶି ଲୋକ ଯାତାୟତ କରୁଛନ୍ତି । ପାଟୁଆକୁଦର, ବସନ୍ତପୁର ଗ୍ରାମବାସୀ ପୋଲ ନିର୍ମାଣ ଶେଷ କରିବା ପାଇଁ ବାରମ୍ବାର ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଦାବୀ ଜଣାଇ ଆସୁଛନ୍ତି । ହେଲେ କେବଳ ପ୍ରତିଶ୍ରୁତି ମଧ୍ୟରେ କାମର ଅଗ୍ରଗତି ଅଟକି ରହିଛି । ଏ ସମ୍ପର୍କରେ କେନ୍ଦୁଝରସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ବେଣୁଧର ଲେଙ୍କାଙ୍କ କହିବା କଥା ହେଲା, ଫରେଷ୍ଟ ସମସ୍ୟା ନେଇ କାମ ଅଟକି ଥିଲା ଏବଂ ସମ୍ପୃକ୍ତ ଠିକାଦାର ମଧ୍ୟ କାମରୁ ଓହରି ଯାଇଛି । ଠିକାଦାରଙ୍କୁ ନୋଟିସ୍ କରାଯାଇଛି । ପୋଲ ନିର୍ମାଣ ସମ୍ପୂର୍ଣ୍ଣ ପାଇଁ ପଦକ୍ଷେପ ନିଆଯିବ । କିନ୍ତୁ, ଫରେଷ୍ଟ ସମସ୍ୟା ଯଦି ଥିଲା, ତେବେ ପ୍ରକଳ୍ପ ଆରମ୍ଭ ପୂର୍ବରୁ କାହିଁକି ତାର ସମାଧାନ କରା ନଗଲା । ଯେଉଁଠି ସମୟସୀମା ଶେଷର ଦୁଇ ବର୍ଷ ପରେ ମଧ୍ୟ ପ୍ରକଳ୍ପ ଶେଷ ହେବାର ନାମ ଧରୁନାହିଁ । ସେଠାରେ ନିର୍ବାହୀ ଯନ୍ତ୍ରୀଙ୍କ କଥାକୁ କେତେଦୂର ବିଶ୍ୱାସକୁ ନିଆଯାଇପାରେ ତାହା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ।

ଫୁଲବାଣୀ ସଟଲର ପକ୍ଷରୁ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କନ୍ଧମାଳ,୧୫।୨ (ନି.ପ୍ର): ଫୁଲବାଣୀ ସଟଲର୍ସ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଶୁଭ ଉଦଘାଟନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଫୁଲବାଣୀ ଷ୍ଟାଡିୟମ ଠାରେ ଆୟୋଜିତ ଏହି ଦୁଇ ଦିନିଆ ଟୁର୍ଣ୍ଣାମେଣ୍ଟରେ କନ୍ଧମାଳ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପକଳ୍ପ ପ୍ରଶାସକ ବିଶ୍ୱରଞ୍ଜନ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମର ସମ୍ମାନୀତ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିବାବେଳେ କନ୍ଧମାଳ ଜିଲ୍ଲାର ବରିଷ୍ଠ ବ୍ୟାଡମିଣ୍ଟନ ଖେଳାଳି ତଥା ଅନୁଷ୍ଠାନର ଉପଦେଷ୍ଟା ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟ ଅତିଥି ମାନେ ଯୋଗ ଦେଇଥିଲେ । ପୁଲଓ୍ୱାମା ସହୀଦ ମାନଙ୍କର ଅମର ଆତ୍ମାର ସଦଗତି ପାଇଁ ପୁଷ୍ପ ପ୍ରଦାନ ପୁର୍ବକ ଏକ ନିରବ ପ୍ରର୍ଥନା କରା ଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ବରିଷ୍ଠ ବର୍ଗର ୪୮ ଟି ଦଳ ଏବଂକନିଷ୍ଠ ବର୍ଗର ୯ଟି ଦଳ ଭାଗ ନେଇଥିବା ନେଇ ଅନୁଷ୍ଠାନର ସଭାପତି ପଦ୍ମଚରଣ ମହାନ୍ତି ସୁଚନା ଦେଇଛନ୍ତି । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ସବ୍ୟସାଚୀ ଦଲାଲଙ୍କ ସମେତ କୋଷାଧ୍ୟକ୍ଷ ରବିନାରାୟଣ ପାତ୍ର,ସଂଗଠକ ଦୀପକ ମହାନ୍ତି ଏବଂ ସଦସ୍ୟ ସୁବ୍ରତ ପାଣିଗ୍ରାହୀ,ସ୍ୱରୁପ ନାୟକ,ଆସିଶ ନାୟକ,ପ୍ରମୋଦ ସାହୁ,ବୁନା ପ୍ରଧାନ,ସନ୍ତୋଷ କୁମାର ସାହୁ,ମହେଶ କୁମାର ସୁବୁଦ୍ଧି ଏବଂ ସଞ୍ଜିବ କୁମାର ଦାସ ପ୍ରମୁଖ ପରିଚାଳନା କରୁଛନ୍ତି ।

୭ମ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ

ରାଇଜିଂ ଷ୍ଟାର ରାଉରକେଲାକୁ ହରାଇ ହରିଆଣା ସ୍ୱିକର ଚମ୍ପିଅନ

ଧର୍ମଶାଳା,୧୫।୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ସ୍ଥ ଇସଲାମନଗରଠାରେ ରୁହାନୀ ସ୍ପୋର୍ଟ କ୍ଲବର ୭ମ ବାର୍ଷିକ ଉତ୍ସବ ଅବସରରେ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ ରୁହାନୀ ସ୍ପୋର୍ଟ ଗ୍ରାଉଣ୍ଡରେ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ରାଇଜିଂ ଷ୍ଟାର ରାଉରକେଲାକୁ ୩ ସେଟ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୨-୧ ସେଟରେ ହରାଇ ହରିଆଣା ସ୍ୱିକର ଚମ୍ପିଅନ ହୋଇଛି । ପ୍ରଥମ ସେମିଫାଇନାଲ ମ୍ୟାଚରେ ସ୍ପୋର୍ଟ କ୍ଲବ ବାଲେଶ୍ୱରକୁ ୩-୧ ସେଟରେ ହରାଇ ପ୍ରଥମ ଦଳଭାବେ ରାଇଜିଂ ଷ୍ଟାର ରାଉରକେଲା ଫାଇନାଲରେ ପ୍ରବେଶ କରିଥିଲା । ୨ୟ ସେମିରେ ହରିଆଣା ସ୍ୱିକର ଓ ଇସଲାମିଆଁ ଓଡିଶା ମଧ୍ୟରେ ମ୍ୟାଚ ଖେଳାଯାଇଥିଲା । ୩-୨ ସେଟରେ ଓଡିଶାକୁ ହରାଇ ହରିଆଣା ୨ୟ ଦଳଭାବେ ଫାଇନାଲରେ ପ୍ରବେଶ କରିଥିଲା । ତେବେ ଫାଇନାଲ ମ୍ୟାଚ ହିଆଣା ଓ ରାଉରକେଲ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା । ୩ ସେଟ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୨-୧ ସେଟରେ ରାଉରକେଲାକୁ ହରାଇ ହରିଆଣା ଚମ୍ପିଅନ ହୋଇଥିଲା । ଖେଳ ପରିଚାଳନାରେ ଜାତୀୟ ସ୍ତରୀୟ ରେଫରୀ ନିରଞ୍ଜନ ନାୟକ,କଳାକାର ମହାପାତ୍ର ଏବଂ ରାଜ୍ୟ ସ୍ତରୀୟ ରେଫରୀଙ୍କୁ ନେଇ ଖେଳ ପରିଚାଳନା କରିଥିଲେ । ଭାଷ୍ୟକାରଭାବେ ଅମୀୟ ପରିଡାଙ୍କ କଥା ଶୈଳୀ ସମସ୍ତ ଖେଳାଳୀ ଓ ଦର୍ଶକଙ୍କ ଆଦୃତି ହୋଇଥିଲା । ଅନ୍ୟତମ ଭାଷ୍ୟକାରଭାବେ ରବିନାରାୟଣ ଜେନା ସହଯୋଗ କରିଥିଲେ । ଏବଂ ଖେଳର ମଧ୍ୟଭାଗରେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇ ଖେଳ ଉପଭୋଗ କରିବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ।

ପୁରସ୍କାର ବିତରଣୀ ଉତ୍ସବରେ ରୁହାନୀ ସ୍ପୋର୍ଟ କ୍ଲବର ସଭାପତି ସେକ୍ କମରୁଲଙ୍କ ସଭାପତିତ୍ୱରେ ଅତିଥିଭାବେ ବରିଷ୍ଠନେତା ଦେବେନ୍ଦ୍ର ଦାସ ଯୋଗ ଦେଇ ଚମ୍ପିଅନ ଓ ରନଅରସ ଅଫ ଦଳକୁ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ଏବଂ ଏହି ଟୁର୍ଣ୍ଣାମେଂଟରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ହରିଆଣାର ଅଙ୍କିତ ଚୌଧୂରୀଙ୍କୁ ମ୍ୟାନ ଅଫ ଦ ସିରିଜ,ବେଷ୍ଟ ଆଟାକର ଅଶ୍ୱିନି ଚୌଧୁରୀ, ବେଷ୍ଟ ଲିବ୍ରୋ ଇସଲାମିଆ ଓଡିଶାର ପପୁଙ୍କୁ ପୁରସ୍କୃତ କରାଯାଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପ-ସଭାପତି ଜୁଲଫୁକାର ଅଲ୍ଲୀ,ସମ୍ପାଦକ ଅବ୍ଦୁଲ ହମିଦ ଖାଁ,ସହ-ସମ୍ପାଦକ ସଫି ଆଲାମ ଖାଁ,କୋଷାଧ୍ୟକ୍ଷ ସେକ୍ ଜାହେରୁଲ,ବରିଷ୍ଠ ସଦସ୍ୟ ଅବଦୁଲ ଦୟାନ ଖାଁ,ସେକ୍ ମକବୁଲ,ଅବଦୁଲ ସାଜିଦ ଖାଁ, ଅବଦୁଲ ରସିଦ ଖାଁ ଓ ମୁଖ୍ୟ ପରିଚାଳକ ଫିରଦୋସ ଆଲାମ ଖାଁ ପ୍ରମୁଖ ଉପସ୍ଥିତ ରହିଥିଲେ । ବ୍ରହ୍ମବରଦା ପଂଚାୟତର ପୂର୍ବତନ ସରପଂଚ ବିପିନ ବିହାରୀ ଦେଓ, ଆଲାଉଦ୍ଦିନ ଖାଁ, ଜିଲା ସାଧାରଣ ସମ୍ପାଦକ ପ୍ରଦିପ ଦାସ, ହେମନ୍ତ ସାହୁ, ସେକ୍ ଆବୁ ସାଏମା, ରସିଦ ଖାଁ ,ସହିଦ ଖା.ଅମଜଦ ଖାନ, ସେକ୍ ମକବୁଲ, ଅବଦୁଲ ଦୟାନ ଖାାନ, ମୋଲାନା ଇବ୍ରାହିମ, ରାକେଶ ଦେଓ, ଶରତ ପାଣ୍ଡେ, ବ୍ରହ୍ମବରଦା ସରପଂଚ ବିଜୟ ଦାସ, ସେକ ୟାକୁବ,ସେକ୍ ନଜବୁଲ,ନମାଜି ଭାଇ,ଅମୂଲ୍ୟ ରାଉତଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ମୁରବୀ ଓ ଲୋକପ୍ରତିନିଧି ଯୋଗ ଦେଇ ଖେଳ ଉପଭୋଗ କରିବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ।

ବିବାହ ପୂର୍ବରୁ ଅଟକିଲା ବାଲ୍ୟ ବିବାହ : ଚିନ୍ତାରେ ଦୁଇ ପରିବାର

ଧର୍ମଶାଳା,୧୪ଫେବୃଆରୀ(ହି.ସ.) - ବିବାହ ଏକ ପବିତ୍ର ବନ୍ଧନ । ଅଗ୍ନୀକୁ ସାକ୍ଷୀ ରଖି ବିବାହ ବନ୍ଧନରେ ବାନ୍ଧି ହୋଇ ସାରା ଜୀବନ ବିତାଇବା ସହ ହସ ଖୁସିରେ ପରିବାରର ଚଳାଇବା ଏକ ମହାନ୍ୟ ପରମ୍ପରା ରହିଛି । କିଛି କ୍ଷଣ ପରେ ବେଦୀ ଉପରେ ପଡିଥାନ୍ତା ହାତରେ ହାତ ଗଣ୍ଠି । ଉଭୟ ପରିବାର ଏହି ବିବାହକୁ ନେଇ ଅନେକ ସ୍ୱପ୍ନ ଦେଖୁଥିଲେ । ଦୁଇ ପରିବାରରେ ଖୁସିର ମାହୋଲ । କନ୍ୟା ଘରକୁ ବର ବେଶରେ ଆସିଥାନ୍ତା ବର । ରୋଷଣୀ ସହ ଅତଶବାଜୀରେ ଗାଁ ଦାଣ୍ଡ କମ୍ପିଥାନ୍ତା । ବର ଯାତ୍ରୀ ଦଳ ଭୋଜି ଭାତରେ ମର୍ଜି ଯାଇଥାନ୍ତେ । ହେଲେ ସବୁ ଆଶା ଆଶାରେ ରହିଗଲା । କିଛି ସମୟ ପୂର୍ବରୁ ସବୁ ଓଲଟ ପାଲଟ ହୋଇଗଲା । ଏହି ବିବାହ ବାଲ୍ୟ ବିବାହ ହେଉଥିବା ନେଇ ଜିଲା ପ୍ରଶାସନ କାନରେ ପଡିଲା । ଜିଲା ପ୍ରଶାସନ ପକ୍ଷରୁ ଫୋନ କଲ ଆସିବ ପରେ ସବୁ ଖୁସିରେ ଫସର ପାଟିଗଲା । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ସଦର ଥାନା ଅନ୍ତର୍ଗତ ଝାଲପଡା ପଂଚାୟତସ୍ଥ କାକୁଡିକୁଦ ଗ୍ରାମରେ । ଏହି ଗ୍ରାମରେ ଜଣେ ଜନୈକ ବ୍ୟକ୍ତି ଝିଅ ବିବାହ ପାଇ ସଜବାଜ ହୋଇ ଭୋଜି ରୋଷେଇ ଚାଲୁଥିବା ବେଳେ ଅନ୍ୟ ପକ୍ଷେ ବର ଆସିବା ନେଇ ବର ଘର ପରିବାର ପ୍ରସ୍ତୁତ ହେଉଥିଲେ । କୌଣସି ବିଶ୍ୱସ୍ଥ ସୂତ୍ରରୁ ବ୍ୟା ବିବାହ ହେଉଥିବା ନେଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀଙ୍କ କାନରେ ପଡିଲା । ତୁରନ୍ତ ପ୍ରଶାସନ ପକ୍ଷରୁ ସାମାଜିକ କର୍ମୀ ମଂଟୁ ଦାସ ଓ ଝାଲପଡା ସରପଂଚ ନିର୍ମଳ ସାମଲଙ୍କୁ ଅବଗତ କରାଇଥିଲେ । ଦୁହେଁ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ଉକ୍ତ ତାଙ୍କ ପ୍ରମାଣ ପତ୍ର ସଂଗ୍ରହ କରାଯାଇଥିଲା । ଉକ୍ତ ନାବିକାର ବୟସ ୧୭ବଷର୍ଶ ୨ମାସ ହୋଇଥିବା ଜଣାପଡିଥିଲା । ଯାହାକୁ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତପନ କୁମାର ପଣ୍ଡା, ନିରଞ୍ଜନ କର, ମିହିର ଜେନା ଓ ସଦର ଥାନା ଶିଶୁ ଅଧିକାର ମହିଳା ପୋଲିସ ଘଟଣାସ୍ଥଳରେ ପଂହଚି ଏହି ବାଲ୍ୟ ବିବାହକୁ ରୋକି ସହ ଉକ୍ତ ପରିବାର ଲୋକଙ୍କୁ ସଚେତନ କରିଥିଲେ । ୧୮ ବର୍ଷ ପରେ ସେମାନଙ୍କର ବିବାହ କରିବାକୁ ପରାମର୍ଶ ଦେଇଥିଲୋ । ତେବେ ଏହି ବିବାହ ବନ୍ଦ ହେବା ପରେ ଦୁଇ ପରିବାର ଏବେ ଚିନ୍ତାରେ ପଡିଛନ୍ତି । ଅନ୍ୟପକ୍ଷେ ସରକାରଙ୍କପକ୍ଷରୁବିଭିନ୍ନ ଗଣମାଧ୍ୟମରେ ଓ ପଥପ୍ରାନ୍ତ ମାଧ୍ୟମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରୁଥିଲେ ମଧ୍ୟ ତାହା ଲୋକେ ସଚେତନକୁ ଭୁଲି ଯାଉଥିବା ଦେଖିବାକୁ ମିଳିଛି । ଅନ୍ୟ ପକ୍ଷେ ପ୍ରତି ବ୍ଲକରେ ସିଡିପିଓ କର୍ମୀ ଏ ସମ୍ପର୍କରେ କିପରିଭାବେ ନ ଜାଣିପାରିଲେ ତାହାକୁ ନେଇ ସାଧାଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତାଙ୍କ ବିରୋଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବି ମହଲରେ ଦୃଢ ଦାବି ହେଉଛି । ଏଭଳି ଘଟଣାକୁ ନେଇ ଏବେ ଅଂଚଳରେ ଚର୍ଚ୍ଚା ଜୋର ଧରିଛି ।

୩ ଆନ୍ତଃରାଜ୍ୟ ବେପାରୀ ଗିରଫ : ହନୁମାନ ପଇସା, ହରିଣ ଛାଲ ଓ ବନ୍ଧୁକ ଜବତ

ମାଲକାନଗିରି,୧୫।୨ (ନି.ପ୍ର) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସଦର ଜଣେ ବ୍ୟକ୍ତି ଙ୍କ ଘରୁ ହନୁମାନ ପଇସା, ବହୁ ପୁରୁଣା ତମ୍ବା ମୁଦ୍ରା ,ହରିଣ ଛାଲ ,ଏକ ବନ୍ଧୁକ,ସହ ତିନିଜଣ ବ୍ୟକ୍ତି,ଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତାଚିତ୍ରକୋଣ୍ଡା ପୋଲିସ ସୂଚନା ଅନୁଯାୟୀ କୌଣସି ସୂତ୍ରରୁ ଖବର ପାଇ ଚିତ୍ରକୋଣ୍ଡା ଥାନା ଆଇ,ଆଇ,ସି ସୂର୍ଯ୍ୟ ପ୍ରକାଶ ନାୟକଙ୍କ ନେତୃତ୍ୱରେ ଏକ ଟିମ ଚିତ୍ରକୋଣ୍ଡା ସଦର ମହକୁମା ସ୍ଥିତ ଦୈନିକ ବଜାର ର ମୋହନ ତ୍ରିବେଦୀ ଙ୍କ ଘରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ସେଠାରୁ ଏକ ଡବଲ ବେରେଲ ବନ୍ଧୁକ, ୫୦ଗୋଟି ଭାରତୀୟ ଓ ବିଦେଶୀ ପୁରୁଣା ତମ୍ବା ପଇସା,ହନୁମାନ ପଇସା, ବିଭିନ୍ନ ରଙ୍ଗର ଓ ଭିନ୍ନ ରୂପର ରନ୍ ପଥର ଥିବା ଗୋଟିଏ ଷ୍ଟିଲ ବକ୍ସ, ନଗଦ ୧୨,୩୧୦ ଟଙ୍କା,ଗୋଟିଏ ସ୍ମୁଟି ନଂ ଏ, ପି,୩୧,ଡି,ଜି ୮୩୭୮,ତିନୋଟି ମୋବାଇଲ, ଏ,ଟି,ଏମ,କାର୍ଡ, ଜବତ କରିବା ସହ ଘର ମାଲିକ ,ଦୁଇଜଣ ବ୍ୟକ୍ତି ଙ୍କୁ ବ୍ୟକ୍ତିଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ଏହି ତିନିଜଣ ବ୍ୟକ୍ତି ବହୁ ଦିନରୁ ଏଠାରେ ରହି ଏକ ଜାଲ ରାକେଟ ଚଳା

ଭାଲୁ ଆକ୍ରମଣରେ ୱାର୍ଡ ମେମ୍ବର ଗୁରୁତର

ନୀଳଗିରି,୧୫।୦୨ (ନି.ପ୍ର): ଦୈନନ୍ଦିନ ଭଳି ନିକଟସ୍ଥ ତିନିକୋଣିଆ ଜଙ୍ଗଲକୁ ଜାଳେଣି ପତ୍ର ସଜନାଗଡ଼ ଗ୍ରା.ପ.ର ନୂଆସାହି ଗ୍ରାମର ୱାର୍ଡ ମେମ୍ବର ସୋମନାଥ ଖଣ୍ଡେଇ ଆଣିବାକୁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲା । ଫଳରେ ଜଙ୍ଘ, ମୁଣ୍ଡରେ ତାଙ୍କର ଗଭୀର ଆଘାତ ଲାଗିଛି । ପରିବାରଲୋକେ ଗୁରୁତର ଅବସ୍ଥାରେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ । ତୁରନ୍ତ ତାଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ପରିବାର ଲୋକେ ଦାବୀ କରିଛନ୍ତି ।

ମନୋରମା ଘଡାଇଙ୍କ ଶୋକସଭା

ଭଦ୍ରକ,୧୫।୦୨ (ନି.ପ୍ର): ଭଦ୍ରକ ସ୍ଥିତ ଭଗବାନପୁର ଗ୍ରାମ (ପଲେଇସାହୀ) ନିବାସୀ ସମାଜସେବୀ ଶ୍ରୀଯୁକ୍ତ ମଦନମୋହନ ଘଡାଇଙ୍କ ଧର୍ମପତ୍ନୀ ଶ୍ରୀମତୀ ମନୋରମା ଘଡାଇଙ୍କ ର ଏକାଦଶ କ୍ରିୟାରେ ତାଙ୍କର ଗୃହ ପ୍ରାଙ୍ଗଣରେ ଭଦ୍ରକ ଜିଲ୍ଲାର ବରିଷ୍ଠ ଆଇନଜିବୀ ଶ୍ରୀଯୁକ୍ତ ଦିବ୍ୟସିଂହ ନାୟକଙ୍କର ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଭଦ୍ରକ ବ୍ଲକର ପୁର୍ବତନ ଭାଇସ ଚେୟାରମ୍ୟାନ ଶ୍ରୀଯୁକ୍ତ ପ୍ରଫୁଲ୍ଲ ନାୟକ, ବରିଷ୍ଠ ଆଇନଜିବୀ ବିନୋଦ ବିହାରୀ ସାହୁ ,ବରିଷ୍ଠ ସମାଜସେବୀ ନିରଞ୍ଜନ ପାଣୀ, କାଳନ୍ଦୀ ପାତ୍ର,ଚରମ୍ପା ସାହିତ୍ୟ ସଂସଦର ଉପ ସଭାପତି କଲୋଳ ଲେଙ୍କା, ସମାଜସେବୀ ଚନ୍ଦ୍ରଶେଖର ନାୟକ, ବଣିଆ ପଂଚାୟତ ସରପଂଚଙ୍କ ପ୍ରାଥିନିଙ୍କ ପ୍ରତିନିଧି ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ରାଉତ,ପୁର୍ବତନ ସରପଂଚ ଅଜୟ କୁମାର ସାମଲ, ବିଧାୟକଙ୍କ ପ୍ରତିନିଧି ବଣିଆ ପଂଚାୟତ ନଳିନୀ ପଣ୍ଡା ଯୋଗଦାନ କରି ଶ୍ରୀମତି ଘଡାଇଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

'ରେବତୀ' ପରିବାର ପକ୍ଷରୁ ସମୂହ ବିବାହ ଉତ୍ସବ

ବିବାହ ବନ୍ଧନରେ ବାନ୍ଧିହେଲେ ୮ ଯୋଡ଼ା ବର-କନ୍ୟା

ବାଲେଶ୍ୱର,୧୫।୦୨ (ନି.ପ୍ର): ବାଲେଶ୍ୱରରୁ ନିୟମିତ ପ୍ରକାଶିତ ମାସିକ ଓଡ଼ିଆ ସାହିତ୍ୟ ପତ୍ରିକା 'ରେବତୀ' ପକ୍ଷରୁ ସମୂହ ବିବାହ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ସହର ଲକ୍ଷ୍ମୀନାରାୟଣ ମନ୍ଦିର ନିକଟସ୍ଥ ହାଇଲ୍ୟାଣ୍ଡ କମ୍ପାନୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ଏହି ବିବାହ ଉତ୍ସବରେ ଆଠ ଯୋଡ଼ା ଗରିବ ବର-କନ୍ୟାଙ୍କର ବିବାହ ସମ୍ପନ୍ନ କରାଯାଇଥିଲା। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଓ ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା ଏଥିରେ ଯୋଗଦେଇ ସଙ୍କଳ୍ପ ବ୍ରତ ଧାରଣ ପୂର୍ବକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରତୀକ ଜେନା ଫାଉଣ୍ଡେସନ ଆନୁକୂଲ୍ୟରେ ତଥା ହାଇଲ୍ୟାଣ୍ଡ ଗ୍ରୁପ ଅଫ କମ୍ପାନିଜ୍ ସହଯୋଗରେ ଏହି ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମହିଳାଙ୍କ ସ୍ୱାଭିମାନର ପ୍ରତୀକ ଭାବେ ପରିଚିତି ପାଇବାରେ ସକ୍ଷମ ହୋଇଥିବା 'ରେବତୀ' ପତ୍ରିକାର ସମାଜିକ ଦାୟିତ୍ୱବୋଧତା ଓ ଗରିବ ଘରର ବର-କନ୍ୟାଙ୍କ ବିବାହ ଆୟୋଜନ ଭଳି ନିଷ୍ପତି ଅତ୍ୟନ୍ତ ଅତ୍ୟନ୍ତ ଉଚ୍ଚ ବିଚାରର ପ୍ରତିଫଳନ ବୋଲି ପୂର୍ବତନ ସାଂସଦ ଶ୍ରୀ ଜେନା ମତପ୍ରକାଶ କରିଥିଲେ। କେବଳ ବିବାହ ନୁହେଁ ବର କନ୍ୟାଙ୍କୁ ଆବଶ୍ୟକୀୟ ଉପଢୌକନ ପ୍ରଦାନ ସହ ନୂଆ ସଂସାର ଗଢିବାକୁ ଯେପରି ଭାବେ ପ୍ରୋତ୍ସାହନ ଦେବାକୁ ବ୍ୟବସ୍ଥା କରାଯାଇଛି ତାହା ସ୍ୱାଗତଯୋଗ୍ୟ ବୋଲି ସେ କହିଥିଲେ। ପୂର୍ବରୁ ଗରିବ ଅସହାୟ ପରିବାରର ଝିଅଙ୍କ ବିବାହ ପାଇଁ ଯଥାସାଧ୍ୟ ସହଯୋଗ କରିଥିବା ବେଳେ ପ୍ରଥମ ଥର ପାଇଁ ଏହିଭଳି ସାମୂହିକ ବିବାହ ଉତ୍ସବ ଆୟୋଜନ କରାଯାଇଛି ବୋଲି ଶ୍ରୀମତି ଜେନା କହିଥିଲେ । କରୋନା ଯୋଗୁଁ ବହୁ ଲୋକଙ୍କ ଆର୍ଥିକ ପରିସ୍ଥିତି ଶୋଚନୀୟ ହୋଇପଡିଥିବା ବେଳେ ଏକ ଉତ୍ସବ ମାଧ୍ୟମରେ ବହୁ ସଂଖ୍ୟକ ପୁଅ ଝିଅଙ୍କ ବିବାହ ପାଇଁ ନିଷ୍ପତି ନିଆଯାଇଥିବା ସେ ସୂଚନା ଦେଇଥିଲେ । ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ଅଂଚଳରୁ ଚୟନ ହୋଇଥିବା ଗରିବ ଘରର ବର-କନ୍ୟାଙ୍କର ସାମୂହିକ ବିବାହ ଉତ୍ସବ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲା ।

ଜଳେଶ୍ୱରରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ସଫଳ

ଜଳେଶ୍ୱର,୧୫।୦୨ (ନି.ପ୍ର): ଡିଜେଲ ଓ ପେଟ୍ରୋଲ ର ମାତ୍ରାଧିକ ମୂଲ୍ୟବୃଦ୍ଧି ପ୍ରତିବାଦରେ କଂଗ୍ରେସ ଦଳ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା । ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ଜଳେଶ୍ୱର ବିଭିନ୍ନ ସ୍ଥାନରେ ରାସ୍ତା ବନ୍ଦ କରାଯିବା ସହିତ ପିକେଟିଂ କରାଯାଇଥିଲା । ଜଳେଶ୍ୱର ଷ୍ଟେସନବଜାର, ଏନ୍‌ଏଚ୍-୬୦ ଲକ୍ଷ୍ମଣନାଥ ଚୁଲ ପ୍ଲାଜା, ନାମ୍ପୋ, ସୁଗୋ ଛକ ଇତ୍ୟାଦି ସ୍ଥାନରେ ରାସ୍ତାରେ ବେଞ୍ଚ ପକାଇ ଯାନବାହନ ବନ୍ଦ କରାଯାଇଥିଲା । କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଆଜିର ବନ୍ଦରେ ସତ୍ୟସୁନ୍ଦର ଦାସ, ଗିରିଜା ଶଂକର ଦାସ, ସୁକୁମାର ଘୋଷ, ରାଜୀବ ପରିଡା, ରାଧାରାଣୀ ପାତ୍ର, ହେମନ୍ତ ଗିରି,ଜଗଦୀଶ ନନ୍ଦି, ଦେବଦୁଲାଲ ଦାସ, ସୁନୀଲ ପରିଡା, ସେକ୍ କାଜୁଦ୍ଦିନ, ଗୋତିକୃଷ୍ଣ ଦଳାଇ, ପଦ୍ମଲୋଚନ ବେହେରା, ଗିରେନ୍ଦ୍ର ଦାସ, ବିରଜା ପାଢୀ, ସଂଜିବ ରାୟ, ଓମିତ୍ ଲେଙ୍କା, ରଂଜିତ ଗିରି ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ସୀମାନ୍ତ ଲକ୍ଷ୍ମଣନାଥ ରେ ସୁଦାମ ପାତ୍ରଙ୍କ ନେତୃତ୍ୱରେ ସରପଂଚ ବୁଦ୍ଧେଶ୍ୱର ପ୍ରଧାନ, ସପନ ଜେନା, ଆଶିଷ ଜେନା, ଲକ୍ଷ୍ମୀଧର ଗିରି, ଅକ୍ଷୟ ଜେନା, ବିଜୟ ପାତ୍ର, ସତ୍ୟବ୍ରତ ରାଜ, ଭାଗବତ ପରିଡା, ମଧୁସୂଦନ ପାତ୍ର, ସୁଶାନ୍ତ ପାତ୍ର, ନିତ୍ୟାନନ୍ଦ ଦାସ, ପର୍ଶୁରାମ ସେନାପତି, କମଳଲୋଚନ ଦାସ ଅଧିକାରୀ, ରାଜେନ୍ଦ୍ର ଶତପଥି, ଗୌରାଙ୍ଗ ପାତ୍ରଙ୍କ ସହିତ ବହୁ ୱାର୍ଡସଭ୍ୟ ଏହି ବନ୍ଦ ପାଳନରେ ସହଯୋଗ କରିଥିଲେ ।

ସୋସାଇଟିରେ ଧାନ ଉଠିବାରେ ସସସ୍ୟା : ଚାଷୀ ହନ୍ତସନ୍ତ

ବାସୁଦେବପୁର,୧୫।୦୨ (ନି.ପ୍ର): ପ୍ରତ୍ୟେକ ବର୍ଷ ଚାଷୀ ମାନେ ସେବାସମବାୟ ସମିତି ଜରିଆରେ ଧାନ ଦେଇଥାନ୍ତି । ସରକାରୀ ନିତି ନିୟମ ଆନୁଯାୟୀ ଧାନ ଦେଲେ ମଧ୍ୟ ଚାଷୀମାନେ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ମିଲର ମାନେ ଠିକ୍ ସମୟରେ ଗାଡି ପଠାଉ ନାହାନ୍ତି ଓ ଚାଷୀମାନଙ୍କର ଧାନ ସୋସାଇଟିରେ ପଡିରହୁଛି। ଯାହା ଫଳରେ ବାସୁଦେବପୁର ବ୍ଲକରେ ଥିବା ବିଭିନ୍ନ ସୋସାଇଟିରେ ସମସ୍ୟା ସୃଷ୍ଟି ହେଉଛି। ବରଣ୍ଡୁଆ ସୋସାଇଟିରେ ୧୩୦୬ଜଣ ଚାଷୀ ପଂଜୀକୃତ ହୋଇଥିଲେ। ସେଥିରୁ କଟି ବର୍ତ୍ତମାନ ସୁଦ୍ଧା ଅଛନ୍ତି ୮୬୯ ଚାଷୀ। ଆଜି ପର୍ଯ୍ୟନ୍ତ ଧାନର ଟାର୍ଗେଟ ଯାଇଛି ୨୬ ହଜାର ୫୮୯ କ୍ୱିଣ୍ଟାଲ୍ । ସିୟଲଫୁଡ୍ସ , ମା ଦୁର୍ଗା, ବିନାୟକ, ପଦ୍ମନାଭ ରାଇସମିଲ, ପି.ଏନ. ଆଗ୍ରୋ ପ୍ରଭୃତି ମିଲ ସହିତ ଧାନ ନେବା ପାଇଁ ବରଣ୍ଡୁଆ ସୋସାଇଟିରେ ଚୁକ୍ତି ହୋଇଛି। ୫୨୪ ଜଣ ଚାଷୀ ଧାନ ଦେଇଛନ୍ତି। ପ୍ରତ୍ୟେକ ଦିନ ଚାଷୀ ମାନଙ୍କର ଟୋକନ ବାହାରୁଛି। କିନ୍ତୁ ମିଲରମାନେ ଠିକ୍ ସମୟରେ ଗାଡି ପଠାଉନାହାନ୍ତି ବୋଲି ସମସ୍ତା ସୃଷ୍ଟି ହେଇଛି କିଛି ଚାଷୀ ଟୋକନ ପାଉଛନ୍ତି କିନ୍ତୁ ଧାନ ଉଠିବାରେ ବିଲମ୍ବ ହେଉଛି। ବରଣ୍ଡୁଆ ସେବା ସମବାୟ ସମିତି ସଂପାଦକ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କୁହନ୍ତି ସମସ୍ତ ଚାଷୀଙ୍କର ଧାନ ଶୀଘ୍ର ଉଠିଯିବାର ବ୍ୟବସ୍ଥା ହୋଇଛି। ସାଧାରଣ ଚାଷୀମାନେ ଯେମିତି ଅସୁବିଧାରେ ନପଡିବେ ସେ ବ୍ୟବସ୍ଥା କରାଯାଉଛି।

କରୋନାରେ ଦେଶରେ ଗତ ୨୪ ଘଂଟାରେ ୧୧,୬୪୯ ନୂଆ ମାମଲା

ନୂଆଦିଲ୍ଲୀ,୧୫।୦୨ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧୧,୬୪୯ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୯୦ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୦୯,୧୬,୫୮୯ ପହଂଚିଛି ।

ସାମ୍ବାଦିକଙ୍କ ପିତୃ ବିୟୋଗ

ବାରିପଦା,୧୫।୦୨ (ନି.ପ୍ର): କାମୟାବ ଟିଭିର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ସୁବ୍ରତ କୁମାର ପ୍ରଧାନଙ୍କ ପିତା ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ଆଜି ସକାଳ ୯.୩୦ ମିନିଟ ସମୟରେ ବାରିପଦା ୱାର୍ଡ ନଂ ୧୭ ସ୍ଥିତ ନିଜ ବାସ ଭବନରେ ପରୋଲୋକ ହୋଇଯାଇଥିବାର ଜଣାଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିବା ବେଳେ, ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କର ୩ ପୁତ୍ର ସହିତ ପୁତ୍ରବଧୁ, ନାତି, ନାତୁଣି ଏବଂ ଆତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ । ସାମ୍ବାଦିକଙ୍କ ପିତୃବିୟୋଗ ଖବର ଶୁଣି ବାରିପଦାର ବହୁ ସାମ୍ବାଦିକ ତାଙ୍କର ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ତୈଳଦରର ଅହେତୁକ ବୃଦ୍ଧି ପ୍ରତିବାଦରେ ନୀଳଗିରି କଂଗ୍ରେସ କମିଟି ପକ୍ଷରୁ ବନ୍ଦ ପାଳିତ

ନୀଳଗିରି,୧୫।୦୨ (ନି.ପ୍ର): ପେଟ୍ରୋଲ, ଡିଜେଲ ଓ ଗ୍ୟାସ ର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଫେବୃଆରୀ ୧୫ତାରିଖ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ନୀଳଗିରି କଂଗ୍ରେସ କମିଟି ତରଫରୁ ଗାଡ଼ି ମଟର, ଦୋକାନ, ବଜାର, କୋର୍ଟ, କଚେରୀ, ସରକାରୀ ଓ ବେସରକାରୀ ସମସସ୍ତ ଅନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ୧୯ ନଂ ରାଜ୍ୟ ରାଜପଥ ଉଦଳା-ସେରଗଡ ରାସ୍ତାର ନୂଆ ବସଷ୍ଟାଣ୍ଡ ଠାରେ ରାସ୍ତାରୋକ କରିଥିଲେ। ଫଳରେ ସାଧାରଣ ଜୀବନ ଯାତ୍ରା ଠପ ହୋଇଯାଇଥିଲା । ଉଭୟ ପାର୍ଶ୍ୱରେ ବହୁ ଗାଡି ଲମ୍ବା ଲାଇନ ହୋଇ ଛିଡା ହୋଇଥିଲେ। ନୀଳଗିରି ବ୍ଲକ କଂଗ୍ରେସ କମିଟିର ସଭାପତି ଡ. ମନୋରଂଜନ ପଣ୍ଡା ଓ ନୀଳଗିରି ଏନ.ଏ.ସି. କଂଗ୍ରେସ କମିଟିର ସଭାପତି ଉପେନ୍ଦ୍ର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବୋଧାନରେ ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ, ନୀଳଗିରିର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସମରେନ୍ଦ୍ର ଦାସ, ରାମଚନ୍ଦ୍ର ଜେନା, ଅନାଦି ରାଉତ, ବରିଷ୍ଠ କଂଗ୍ରେସ ନେତା ସଦାଶିବ ରଥ, କିଷାନ କଂଗ୍ରେସ ସଭାପତି ଯଶୋଦା ନନ୍ଦନ ସିଂହ,ପୂର୍ଣ୍ଣଚନ୍ଦ୍ର ସ, ବୀଣାପାଣି ପାତ୍ର, କଂଗ୍ରେସ କର୍ମକର୍ତା ଯୁବ କଂଗ୍ରେସ କର୍ମକର୍ତା, ଛାତ୍ର ଓ ମହିଳା କଂଗ୍ରେସ କର୍ମକର୍ତାଙ୍କ ତତ୍ତ୍ୱାବଧାନରେ ନୀଳଗିରି ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିବା ଜଣାପଡ଼ିଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

କଂଗ୍ରେସର ୬ ଘଣ୍ଟିଆ....

ଚେତାବନୀ ଦେଇଥିଲେ । ଏପଟେ ରାସ୍ତାକଡ଼ରେ ଛୋଟିଆ ଠେଲାଟିଏ କରି ପାଉରୁଟି ପାନପୁଡ଼ିଆ ବିକ୍ରି କରୁଥିବା ଜଣେ ବୃଦ୍ଧା ମହିଳାଙ୍କୁ ଠେଲା ବନ୍ଦ କରିବାକୁ କହିଥିଲେ ଆନ୍ଦୋଳନକାରୀ । ବୃଦ୍ଧା ଜଣକ ଯେତେ ବୁଝେଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଶୁଣିବା ମୁଡ୍ରେ ନଥିଲେ । ଶେଷରେ ବୃଦ୍ଧା ଜଣକ ବାଧ୍ୟ ହୋଇ ଠେଲା ଦୋକାନକୁ ବନ୍ଦ କରିଥିଲେ । ପେଟ୍ରୋଲ ଦର ବୃଦ୍ଧି ନେଇ ଓଡ଼ିଶା କଂଗ୍ରେସ ଓଡିଶା ବନ୍ଦ କରିଥିବା ବେଳେ ବାଇକରେ ରାଲି କରିବା ଚର୍ଚ୍ଚା ସୃଷ୍ଟି କରିଛି । ତେଲ ଦର ପାଇଁ ପ୍ରତିବାଦ ହେଉଥିବା ବେଳେ ସଂଖ୍ୟାଧିକ ବାଇକ୍ରେ ତେଲ ପୋଡ଼ି ଛାତ୍ର କଂଗ୍ରେସର ସଦସ୍ୟମାନେ ରାଲି କରିଛନ୍ତି । ଏପଟେ ଡିସିପି କହିଛନ୍ତି- ବିନା ହେଲମେଟରେ ରାଲି କରୁଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଛାତ୍ର ଓ ଯୁବକ କଂଗ୍ରେସ କର୍ମୀ ମାନେ ଏଜି ଛକରେ ଥିବା ଟ୍ରାଫିକ ପୋଷ୍ଟ ଉପରେ ଚଢି ପ୍ରତିବାଦ କରିଥିଲେ । ଟ୍ରାଫିକ ପୋଷ୍ଟ ଉପରୁ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ । ଏହା ପରେ ସେଠାରେ ବସି ଧାରଣା ନବରଙ୍ଗପୁରରେ ଦେଖିବାକୁ ମିଳିଛି ଅଭିନବ ପ୍ରତିବାଦ । କଂଗ୍ରେସ ନେତା, କର୍ମୀ ମାନେ ଶଗଡ ଗାଡିରେ ରାଲି କରି ତେଲ ଦର ଓ ରୋଷେଇ ଗ୍ୟାସଦର ବୃଦ୍ଧିର ପ୍ରତିବାଦ କରିଛନ୍ତି । ଶଗଡ ଗାଡିରେ ଗ୍ୟାସ ସିଲିଣ୍ଡର ଲଦି ପ୍ରତିବାଦ କରାଯାଇଛି । ଜଣେ କଳାକାର ଶଗଡ ଉପରେ ଛିଡା ହୋଇ ମୋଦିଙ୍କ ବେଶରେ ଅଭିନୟ ମାଧ୍ୟମରେ ସମାଲୋଚନା କରିଥିଲେ । ପିପିଲି ରାସ୍ତା ଉପରେ ଜଳିଆ ନିଆଁ । କଂଗ୍ରେସର ଓଡ଼ିଶା ବନ୍ଦ ପ୍ରତିବାଦ ସମୟରେ ଆନ୍ଦୋଳନକାରୀମାନେ ରାସ୍ତା ଉପରେ ଟାୟର ଜାଳି ପ୍ରତିବାଦ କରିଥିଲେ । ପ୍ରତିବାଦ ସମୟରେ କଂଗ୍ରେସ ନେତା ଓ କର୍ମୀମାନେ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ । ବନ୍ଦ ପାଳନ ଯୋଗୁ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡରେ ଯାତ୍ରୀ ହନ୍ତସନ୍ତ ହୋଇଥିଲେ । ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସୁଥିବା ଲୋକେ ଗନ୍ତବ୍ୟ ସ୍ଥଳରେ ପହଚିଂବା ପାଇଁ ସମସ୍ୟା ସୃଷ୍ଟି ହୋଇଥିଲା । ଅଟୋ, ବସ ଭଳି ସେବା ପ୍ରଭାବିତ ହେବା ଯୋଗୁଁ ଯାତ୍ରୀମାନେ ଦୀର୍ଘ ସମୟ ଧରି ବସଷ୍ଟାଣ୍ଡରେ ଅଟକି ରହିଥିଲେ । ସେହିପରି ବିଭିନ୍ନ ପରୀକ୍ଷା ଥିବା କାରଣରୁ ବାହାରୁ ଆସୁଥିବା ପରୀକ୍ଷାର୍ଥୀମାନେ ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା । ଓଡ଼ିଶା ବନ୍ଦ ଯୋଗୁଁ ବିମାନଯାତ୍ରୀ ମଧ୍ୟ ପ୍ରଭାବିତ ହୋଇଛନ୍ତି । ବିମାନରେ ବିଭିନ୍ନ ସ୍ଥାନରୁ ଭୁବନେଶ୍ୱର ପହଂଚିଥିବା ଯାତ୍ରୀ ବିମାନବନ୍ଦରରେ ଅଟକି ରହିଥିବା ବେଳେ ବିମାନବନ୍ଦରକୁ ଯିବାକୁ ଚାହୁଁଥିବା ଯାତ୍ରୀମାନେ ପ୍ରଭାବିତ ହୋଥିଲା । ଏସବୁ ଭିତରେ ଭୁବନେଶ୍ୱର ଜୟଦେବ ବିହାର ଛକରେ ଦେଖିବାକୁ ମିଳିଥିବା ଏକ ଅଭାବନୀୟ ଚିତ୍ର । କାମ ଅପେକ୍ଷାରେ ରହିଥିବା ଦିନ ମଜୁରିଆଙ୍କ ଗୋଟିଏ ଓଳିର କାମ ପ୍ରଭାବିତ ହୋଇଛି । କାମ ଅପେକ୍ଷାରେ ରାସ୍ତାକଡ଼ରେ ଚାହିଁ ରହିଥିବା ଶ୍ରମିକମାନଙ୍କୁ ବନ୍ଦ ପ୍ରତିବାଦ ଯୋଗୁଁ ନିରାଶ ହେବାକୁ ପଡ଼ିଥିଲା ।

ବାଲେଶ୍ୱରରେ କଂଗ୍ରେସର....

ସହିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଭିତରକୁ ପ୍ରବେଶ କରିବାକୁ ଦେଇନଥିଲେ। ବାଲେଶ୍ୱର ସହରର ଏକାଧିକ କୋର୍ଟ, ବିଭିନ୍ନ ବ୍ୟାଙ୍କ, ସ୍କୁଲ କଲେଜ୍, ତହସିଲ, ସବ-ରେଜିଷ୍ଟ୍ରାର ଅଫିସ, ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ କର୍ମଚାରୀ ଶୂନ୍ୟ ଭଳି ଅନୁଭୁତ ହୋଇଥିଲା। ୯ ଟା ପୂର୍ବରୁ ପହଞ୍ଚି ଯାଇଥିବା କାଁ ଭାଁ ଅଧିକାରୀ ଓ କର୍ମଚାରୀ ଅଫିସରେ କେବଳ ବସି ରହି ସମୟ ବିତାଇଥିଲେ। ଅନ୍ୟପକ୍ଷରେ ପ୍ରେଟ୍ରୋଲ ପମ୍ପ, ହୋଟେଲ, ସମେତ ଅନ୍ୟାନ୍ୟ ସମସ୍ତ ଦୋକାନ ବନ୍ଦ ରହିବା ଯୋଗୁଁ ଲୋକମନାଙ୍କୁ ନାନା ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ତୈଳନୀତି ଯୋଗୁଁ ବାରମ୍ବାର ପେଟ୍ରୋଲ ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦର ବୃଦ୍ଧିର ପ୍ରଭାବ ଲୋକଙ୍କ ଉପରେ ପଡ଼ିଛି ବୋଲି କଂଗ୍ରେସର କର୍ମକର୍ତ୍ତାମାନେ ଆରୋପ କରିଥିଲେ। ପରୋକ୍ଷ ଭାବେ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ନିୟନ୍ତ୍ରଣରେ କେନ୍ଦ୍ର ସରକାର ବିପଳ ହୋଇଥିବା ବେଳେ ଆଗାମୀ ଦିନରେ ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ତୈଳଦର ବୃଦ୍ଧି ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଧାରଣ ଦୁର୍ବିସହ ହୋଇ ପଡ଼ିଥିବା ବେଳେ କେନ୍ଦ୍ର ସରକାର ଏହାକୁ ପ୍ରତ୍ୟାହାର ପାଇଁ କଂଗ୍ରେସ ନେତାମାନେ ଦାବି କରିଥିଲେ। ନତୁବା ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ବନ୍ଦ ପାଳନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ବିହିତ ପଦକ୍ଷେପ ନିଆଯଇଥିଲା। ବିଭିନ୍ନ ସରକାରୀ ଅଫିସ ସମେତ ସହରର ବହୁ ସ୍ଥାନରେ ପୁଲିସ ମୁତୟନ କରାଯାଇଥିବା ବେଳେ ଏକାଧିକ ପାଟ୍ରୋଲିଂ ଗାଡ଼ି ସହର ମଧ୍ୟରେ ବୁଲିବା ସହିତ ପରିସ୍ଥିତି ଅନୁଧ୍ୟାନ କରିଥିଲା। ଜିଲ୍ଲା ପୁଲିସର ପଦସ୍ଥ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଥିଲେ।

ସମ୍ପୂର୍ଣ୍ଣ ଡିଜିଟାଲ ହେବ ....

ଆର୍କିଟେକ୍ ସମୀର ଭର୍ସନୀ ଏବଂ ଓଡିଶା ଶାଖା ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍.ଆଇ.ସି)ର ନିର୍ଦ୍ଦେଶିକା ଶ୍ରୀମତୀ ସରୀତା ସାହୁ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଆପ୍ଲିକେସନ ଦ୍ୱାରା ସମସ୍ତ ବୈଧାନିକ ବ୍ୟବସ୍ଥା ସୁଚାରୁରୂପେ ସଂପାଦନ ହେବା ସହିତ, ଦସ୍ତାବିଜ୍ ଓ ସୂଚନା ସ୍ୱୟଂକ୍ରିୟ ଭାବେ

କଂଗ୍ରେସ ପକ୍ଷରୁ ୬ ଘଣ୍ଟିଆ ଓଡ଼ିଶା ବନ୍ଦ ଭଦ୍ରକରେ ସଫଳ

ଭଦ୍ରକ,୧୫।୦୨ (ନି.ପ୍ର): ଆଜି ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଭଦ୍ରକରେ ୬ ଘଣ୍ଟିଆ ଓଡ଼ିଶା ବନ୍ଦ ଏକ ପ୍ରକାର ଶାନ୍ତିଶୃଙ୍ଖଳା ସହ ସଂପନ୍ନ ହୋଇଛି । ତେବେ ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ କେତେକ କାର୍ ଓ ମାଜିଷ୍ଟ୍ରେଟ୍ ଡ୍ୟୁଟିରେ ଥିବା ଉପଜିଲାପାଳଙ୍କ ଗାଡିକୁ ଅଟକାଇବା ନେଇ କିଛି ସମୟ ଧରି କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉଚ୍ଚବାଚ୍ଚ ହୋଇଥିବାବେଳେ ଦଳର ବରିଷ୍ଠ କର୍ମକର୍ତ୍ତା ଓ ଉପସ୍ଥିତ ପୁଲିସ୍‌ଙ୍କ ହସ୍ତକ୍ଷେପରେ ତାହା ଶାନ୍ତ ପଡିଥିଲା । ଏହି ବନ୍ଦ ପ୍ରଭାବରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ସ୍କୁଲ କଲେଜ ବନ୍ଦ ରହିଥିଲା । ପ୍ରାୟ ଅଧିକାଂଶ ଦୋକାନ ବଜାର ବନ୍ଦ ରହିଥିବାବେଳେ କାଁ ଭାଁ ଖୋଲିଥିବା ଦୋକାନ ଗୁଡିକୁ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ଭଦ୍ରକ ନିର୍ବାଚନ ମଣ୍ଡଳୀ ନେତା ନଳିନୀ ମହାନ୍ତି, ବ୍ଲକ୍ କଂଗ୍ରେସ ସଭାପତି ତଥା ଆଇନ୍‌ଜୀବୀ ପ୍ରଫୁଲ୍ଲ ସାମଲ, ଟାଉନ୍ କଂଗ୍ରେସ ସଭାପତି ଅବଦୁଲ ମୁକିତ୍ ଖାଁ ଓ ଯୁବ କଂଗ୍ରେସ ନେତା ପ୍ରକାଶଜ୍ୟୋତି ମହାକୁଡ ପ୍ରମୁଖ ଏକ ସାଇକେଲ୍ ରାଲିରେ ସହର ପରିକ୍ରମା କରି ସେଗୁଡିକୁ ପିକେଟିଂ ମାଧ୍ୟମରେ ବନ୍ଦ କରାଇଥିଲେ । ଏହି ବନ୍ଦ କାଳରେ ସିପିଆଇଏମ୍ ପକ୍ଷରୁ ଜିଲା ସଭାପତି ତଥା ଆଇନ୍‌ଜୀବୀ ଦିବ୍ୟସିଂହ ନାୟକ, ଚନ୍ଦ୍ରଶେଖର ନାୟକ, ରାଧା ଦାସ, ଗିରିଧାରୀ ନାଥ, ପ୍ରଫୁଲ୍ଲ ପାଢୀ ପ୍ରମୁଖ କଂଗ୍ରେସର ଏହି ବନ୍ଦକୁ ସମର୍ଥନ କରି ସେମାନଙ୍କ ପ୍ରତିବାଦ ସଭାରେ ଅଂଶଗ୍ରହଣ କରିଥିଲେ । କଜେରୀ ବଜାରର ପୁରୁଣା ଜିଲାପାଳଙ୍କ ଚାବି ପଡିଥିବା କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ସଭାପତି ଶ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ କେନ୍ଦ୍ର ସରକାରଙ୍କ ଏଭଳି ତୈଳ ଦର ବୃଦ୍ଧିକୁ ତୀବ୍ର ନିନ୍ଦା କରିଥିବାବେଳେ ନିର୍ବାଚନ ମଣ୍ଡଳୀୟ ନେତା ଶ୍ରୀ ମହାନ୍ତି ଏହା ପ୍ରତ୍ୟାହୃତ ନହେଲେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ । ତେବେ ଆଜିର ଏହି ବନ୍ଦ କାଳରେ ୧୬ନଂ ଜାତୀୟ ରାଜପଥ ସଂପୂର୍ଣ୍ଣ ଶୂନଶାନ ହୋଇପଡିଥିବାବେଳେ ସହରରେ ଏହା ଏକ ପ୍ରକାର ସଫଳ ହୋଇଛି । ପ୍ରାତଃ ୬ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବନ୍ଦରେ ଅନ୍ୟମାନଙ୍କ ମଧ୍ୟରେ ଦିଲିପ ନାୟକ, ରଜନୀକାନ୍ତ ଚାନ୍ଦ, ରାଜକିଶୋର ସ୍ୱାଇଁ, ରାଜକିଶୋର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ବାରିପଦା ଠାରେ ଓଡିଶା ପରିବହନ ସଂଘର ବୈଠକ

ବାରିପଦା,୧୫।୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାରିପଦା ଜୁବୁଲି ମଣ୍ଡପ ଠାରେ ଆଜି ଓଡିଶା ପରିବହନ ଚାଳକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଡ୍ରାଇଭର ମାନଙ୍କୁ ସରକାର ପରୀକ୍ଷା ନେଇ ଆଇନଗତ ଭାବରେ ଲାଇସେନ୍ସ ଯୋଗାଇ ଦେଇଛନ୍ତି ଗାଡି ଚଳାଇବା ପାଇଁ । ମାତ୍ର ସର୍ବସାଧାରଣରେ ଡ୍ରାଇଭର ମାନଙ୍କୁ ଯେଭଳି ସମ୍ମାନ ମିଳିବା କଥା ତାହା ଅନେକ ସ୍ଥଳରେ ହୋଇପାରୁ ନାହିଁ । ଅନେକ ସମୟରେ ରାସ୍ତା ଘାଟରେ ଅଟକାଇ ଅସାମାଜିକ ଲୋକେ ଡ୍ରାଇଭର ମାନଙ୍କୁ ଗାଡି ଅଟକାଇ ଜୋର ଜବର ଦସ୍ତ ଚାନ୍ଦା ମାଗିବା, ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ବିନା ମତଲବରେ ଗାଡି ଅଟକାଇ ଡ୍ରାଇଭର ମାନଙ୍କୁ ହଇରାଣ କରିବା ଭଳି ଘଟଣା ଗୁଡିକ ପାଇଁ ବହୁ ଡ୍ରାଇଭର ଅଯଥାରେ ହଇରାଣ ହେଉଥିବାର ଲକ୍ଷ୍ୟ କରାଯାଉଛି । ଅନେକ ସ୍ଥଳରେ ଡ୍ରାଇଭର ମାନେ ନିଜର ଉପଯୁକ୍ତ ମୂଲ୍ୟ ମଧ୍ୟ ପାଉ ନାହାନ୍ତି । ଏଣୁ ଡ୍ରଇଭର ମାନେ ସଂଗଠିତ ହୋଇ ରହିଲେ ସେମାନଙ୍କୁ ଉଚିତ ସମ୍ମାନ ଓ ନ୍ୟାୟ ମିଳି ପାରିବ ବୋଲି ଓଡିଶା ପରିବହନ ଚାଳକ ସଂଘର ସଦସ୍ୟ ନରେଶ କୁମାର ସାହୁ ଏହି ବୈଠକରେ ଅତିଥି ଭାବରେ ଯୋଗଦେଇ କହିବା ସହିତ ଡ୍ରାଇଭର ମାନେ ମଧ୍ୟ ଅନେକ ସମୟରେ ନିଶାସେବନ କରି ଗାଡି ଚଳାଇବା, ସିଟବେଲଟ ନବାନ୍ଧିବା ଭଳି ବେନିୟମ ଘଟଣା ମାନ ଘଟାଉଛନ୍ତି । ଏଣୁ ଡ୍ରାଇଭର ମାନଙ୍କୁ ଶୃଖଳିତ ଭାବରେ ଗାଡିଚଳାଇବାକୁ ଶ୍ରୀ ସାହୁ ଅନୁରୋଧ କରିଛନ୍ତି । ତେବେ ଆଜିର ବୈଠକରେ ବହୁ ସଂଖ୍ୟାରେ ଡ୍ରାଇଭର ମାନେ ଯୋଗଦେଇ ସଂଘବଦ୍ଧ ଭାବରେ ଚଳିବା ସହିତ ଶୃଙ୍ଖଳିତ ହୋଇ ନିଜନିଜର କାର୍ଯ୍ୟ ସମ୍ପାଦନ କରିବେ ବୋଲି କହିଛନ୍ତି । ଏହି ବୈଠକରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା ।

ସଡ଼କ ଦୁର୍ଘଟଣାରେ ପୂର୍ବତନ କଲେଜ ଅଧ୍ୟକ୍ଷ ଗୁରୁତର

ନୀଳଗିରି,୧୫।୦୨ (ନି.ପ୍ର): ଉଦଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ନୀଳଗିରି ନିବାସୀ କହ୍ନେଇ ଚରଣ ସ୍ୱାଇଁ ନିଜ ବାଇକରେ ବାଲେଶ୍ୱର ରୁ ନୀଳଗିରିକୁ ଫେରୁଥିବା ବେଳେ ସେରଗଡ଼ ନିକଟସ୍ଥ ବି.ସି.ଇ.ଟି. କଲେଜ ଛକ ଠାରେ ଏକ ଟ୍ରକ ସାଇଡ ମାରିବାରୁ ଘଟଣାସ୍ଥଳରେ ତଳେ ପଡ଼ିଯାଇ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଖବର ପାଇଁ ଶେରଗଡ଼ ଫାଣ୍ଡି ଅଧିକାରୀ ଏକ ଅଟୋ ଯୋଗେ ତାଙ୍କୁ ନୀଳଗିରି ମେଡିକାଲକୁ ପଠାଇ ଦେଇଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମେଡିକାଲକୁ ପଠାଇ ଦିଆଯାଇଛି ।

ବାଲିଆପାଳରେ ବନ୍ଦ ସଫଳ

ବାଲିଆପାଳ,୧୫।୦୨ (ନି.ପ୍ର): ପେଟ୍ରୋଲ, ଡିଜେଲ, ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ୬ ଘଂଟିଆ ବାଲିଆପାଳ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି । ଦୋକାନ ବଜାର ଗୁଡିକ ସ୍ୱତସ୍ଫୂତ ଭାବରେ ବନ୍ଦ ହୋଇଯାଇଥିବା ବେଳେ କଂଗ୍ରେସ ନେତା ବାଲିଆପାଳ ବ୍ଲକ ଅଧକ୍ଷ ବିଜନ କୁମାର ନାୟକଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ମାନେ ବ୍ଲକ ଛକ ନିକଟରେ ରାସ୍ତା ଅବରୋଧ କରି ଯାନବାହନ ସବୁ ଅଟକାଇଥିଲେ । କଂଗ୍ରେସ ନେତା ପୂର୍ବତନ ସରପଂଚ ମୂରଲିମୋହନ ସାହୁ, ସରପଂଚ ନରହରି ଜେନା, ଦେବ କୁମାର ଦେ, ଜୀବନକୃଷ୍ଣ ଦାସ, ମନ୍ମଥ ଖୀଲାର, ଜଗନ୍ନାଥ ମାହାନ, ଶ୍ରୀଧର ବିଶ୍ୱାଳ, ସରୋଜ ପିଳା, ଜଗନ୍ନାଥ ବାରିକ, ଅରୁଣ ପାତ୍ର, ଚତୁର୍ଭୁଜ ମାହାନ୍ତି, ଗୋପାଳ ଖଣ୍ଡା ପ୍ରମୁଖ ବ୍ଲକ ଛକ ନିକଟରେ ପିକେଟିଙ୍ଗ କରିବା ସହ ସିମୁଳିଆ ଦୈନିକ ମାର୍କେଟରେ ଥିବା ଦୋକାନ ଗୁଡିକୁ ବନ୍ଦ କରାଇଥିଲେ । ସିମୁଳିଆ ପରିବା ମାର୍କେଟ ଓ ମାଛ ମାର୍କେଟ ବନ୍ଦ ଥିଲା । ସ୍କୁଲ କଲେଜ, ସରକାରୀ ଅପିସ ସବୁ ବନ୍ଦ ରହିଥିଲା । ସେହିପରି କାଳିପଦା ବଜାରରେ ମଧ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । କଂଗ୍ରେସ ନେତା ଜଗନ୍ନାଥ ବିଶ୍ୱାଳ, ସରପଂଚ ଅନନ୍ତ ଜେନା, ବିଭୁତି କରଣ, କମଳାକାନ୍ତ ଜେନା ପ୍ରମୁଖକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଦୋକାନ ବଜାର ସବୁ ବନ୍ଦ କରାଇଥିଲେ । ସେହିପରି ପାରୁଳିଆ ହାଟ, ଦାନ୍ତୁଣଦା ଛକ, ଦେଭୋଗ ଛକ, ଖପରାପଦା ବଜାର, ଲଙ୍ଗଳେଶ୍ୱର ବଜାର, ମାନଧାତା ବଜାର, ପଂଚୁପାଲି ବଜାର, ରତାଇ ହାଟ, ନୂଆଗାଁ ହାଟ, ଅଦଭୁତିଆ ହାଟ, ଡଗରା ଛକ, ଚୌମୁଖ ଛ, ଜାମକୁଣ୍ଡା ଲକ ହାଟ, ବିଷ୍ଣୁପୁର ଛକ ପ୍ରଭୃତି ସ୍ଥାନରେ ଦୋକାନ ବଜାର ସବୁ ବନ୍ଦ ରହିଥିଲା । ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ବୃଦ୍ଧି ସାଧାରଣ ଜନତାଙ୍କ ଦୈନନ୍ଦିନ ଜୀବନ ଉପରେ ପ୍ରଭାବ ପକାଉଥିବାରୁ କଂଗ୍ରେସର ଏହି ବନ୍ଦ ପ୍ରତି ଲୋକଙ୍କର ପୂର୍ଣ୍ଣ ସମର୍ଥନ ରହିଥିଲା ।

ଜମି ହିଡକଟାକୁ ନେଇ ମରଣାନ୍ତକ ଆକ୍ରମଣ

ଜଳେଶ୍ୱର, ୧୫/୨ (ନିପ୍ର) : ଚାଷଜମିରେ ଜମିହିଡ କଟାକୁ କେନ୍ଦ୍ର କରି ଜଳେଶ୍ୱର ବ୍ଲକ ଅଧିନ ଉତ୍ତରପଡା ଗ୍ରାମର ରାଧାକୃଷ୍ଣ କାମିଳାଙ୍କୁ ମରଣାନ୍ତକ ଆକ୍ରଣ ହୋଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଖଳାବାଡିଆ ଗ୍ରାମର ମଧୁସୂଦନ ସାହୁଙ୍କ ଜମି ପାଖରେ ରାଧାକୃଷ୍ଣଙ୍କ ଚାଷ ଜମି ରହିଥିବାରୁ ସେଠାକୁ ଲଙ୍ଗଳପାଇଁ ଏକ ପାଓ୍ୱାରଟିଲର ନେବା ସମୟରେ ମଧୁସୂଦନଙ୍କ ଜମିର ହିଡ ସାମାନ୍ୟ ନଷ୍ଟ ହୋଇଥିଲା । ଫଳରେ ମଧୁସୂଦନଙ୍କ ପୁତ୍ର ବାପି ସାହୁ ସେଠାରେ ପହଞ୍ଚି ଏକ ବାହୁଙ୍ଗିବାଡିରେ ରାଧାକୃଷ୍ଣଙ୍କୁ ଆକ୍ରମଣ କରିବା ଯୋଗୁଁ ମୁଣ୍ଡରେ ପ୍ରବଳ ରକ୍ତସ୍ରାବ ହୋଇଥିଲା । ତାଙ୍କୁ ତୁରନ୍ତ ପଶ୍ଚିମବାର୍ଡ ଡାକ୍ତରଖାନାକୁ ଚିକିତ୍ସାଲାଗି ନିଆଯିବାପରେ ପରବର୍ତ୍ତୀ ସମୟରେ ଜଳେଶ୍ୱର ଜିକେଭଙ୍କର ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଏଥିନେଇ ରାଧାକୃଷ୍ଣଙ୍କ ଅଭିଯୋଗ ମୂଳେ ଜଳେଶ୍ୱର ଥାନାରେ ମାମଲା ରୁଜୁ ହୋଇଛି ।

ଫାଶୀ ଲଗାଇ ଅଙ୍ଗନବାଡି କର୍ମୀଙ୍କ ଆତ୍ମହତ୍ୟା । ଝୁଲନ୍ତା ମୃତ ଦେହ ଉଦ୍ଧାର

ବାଲିଆପାଳ,୧୫।୦୨ (ନି.ପ୍ର): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଂଚାୟତ ବଡତାଳପଦା -୨ ଅଙ୍ଗନବାଡି କର୍ମୀ ପୁଷ୍ପାଞ୍ଜଳି ସାହୁ ଆଜି ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ପୁଷ୍ପାଞ୍ଜଳୀଙ୍କ ଝୁଲନ୍ତା ମୃତ ଦେହ ତାଙ୍କର ହାସିମପୁର ସ୍ଥିତ ବାସଭବନରୁ ଉଦ୍ଧାର କରାଯାଇଛି । ସ୍ୱାମୀ ଭଜହରିଙ୍କ କହିବା ଅନୁସାରେ ଗତ କିଛି ଦିନ ଧରି ପୁଷ୍ପାଞ୍ଜଳି ମାନସିକ ଭାବେ ବିଷାଦଗ୍ରସ୍ତ ରହୁଥିଲେ । ଗତ କାଲି ରାତିରେ ସ୍ୱଭାବିକ ଭାବେ ସ୍ୱାମୀ-ସ୍ତ୍ରୀ ଶୋଇବାକୁ ଯାଇଥିଲେ । ୧୨ ବର୍ଷର ପୁଅ ସହ ପୁଷ୍ପାଞ୍ଜଳୀ ଗୋଟିଏ ଘରେ ଶୋଇଥିବା ବେଳେ ସସ୍ୱାମୀ ଅନ୍ୟଏକ ଘରେ ଶୋଇଥିଲେ । ତେବେ ଆଜି ସକାଳେ ଘର ସିଡିପାହାଚ ତଳେ ତାଙ୍କର ଝୁଲନ୍ତା ମୃତ ଦେହ ଦେଖିବାକୁ ମିଳିଥିଲା । ବାଲିଆପାଳ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ତାଙ୍କ ମୃତ୍ୟୁକୁ ନେଇ ବଡତାଳପଦା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

ଉଦଳା ନଗର ଓ ବ୍ଲକ କଂଗ୍ରେସ କମିଟି ତରଫରୁ ବନ୍ଦ ପାଳନ

ଉଦଳା,୧୫।୦୨ (ନି.ପ୍ର): ପେଟ୍ରୋଲ, ଡ଼ିଜେଲ, ରନ୍ଧନ ଗ୍ୟାସ ଏବଂ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସର ବନ୍ଦ ଡ଼ାକରାରେ ଉଦଳା ନଗର ଓ ବ୍ଲକ କଂଗ୍ରେସ କମିଟି ତରଫରୁ ଆଜି ଶାନ୍ତିପୂର୍ଣ୍ଣ ଭାବରେ ବନ୍ଦ ପାଳନ ହୋଇଯାଇଛି । ଫଳରେ ଆଜି ପ୍ରଭାତରୁ ସହର ମଧ୍ୟରେ ଦୋକାନ ବଜାର ଓ ଯାନ ବାହାନ ଚଳାଚଳ ବନ୍ଦ ରହିଥିଲା । ଉପଜିଲ୍ଲାପାଳ, ତହସିଲ, ବ୍ଲକ କାର୍ଯ୍ୟାଳୟ ସମେତ ଅଦାଲତ ମଧ୍ୟ ବନ୍ଦ ରହିଥିଲା । ତେବେ ଆଜିର ବନ୍ଦ ଡ଼ାକରାକୁ ସଫଳ କରିବା ପାଇଁ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ନାରାୟଣ ପଟ୍ଟନାୟକ, ଦୁର୍ଗା ଟୁଡୁ ପ୍ରମୁଖ ନେତୃତ୍ୱ ନେଉଥିବାର ଦେଖା ଯାଇଥିଲା । କଂଗ୍ରେସର ଆଜିର ବନ୍ଦ ଡ଼ାକରାକୁ ଜନସାଧାରଣ ମଧ୍ୟ ସମର୍ଥନ କରୁଥିବାର ଦେଖିବାକୁ ମିଳିଥିଲା ।

ଲାବଣ୍ୟ ମଞ୍ଜରୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠିତ

ଉଦଳା,୧୫।୦୨ (ନି.ପ୍ର): ବ୍ରାହ୍ମଣ ମହାସଭା କପ୍ତିପଦା ଉପଖଣ୍ଡ ଶାଖାର ଉପଦେଷ୍ଟା ତଥା ବରିଷ୍ଠ ନାଗରିକ ସଂଘର ସଭାପତି ଜୟଚନ୍ଦ୍ର ପତ୍ରୀଙ୍କର ସହଧର୍ମୀଣି ଲାବଣ୍ୟ ମଞ୍ଜରୀଙ୍କର ଚଳିତ ଫେବୃଆରୀ ୮ ତାରିଖ ସୋମବାର ଦିନ ଦେହାନ୍ତ ହୋଇ ଯାଇଛି । ଏହି ଅବସରରେ ମହାସଭାର ସଭାପତି ଆଇନଜୀବି ସତ୍ୟବ୍ରତ ମିଶ୍ରକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମାଉସୀ ମା ମନ୍ଦିର ପରିସରରେ ଏକ ସ୍ମୃତିଚାରଣ ସଭା ଫେବୃଆରୀ ୧୪ ତାରିଖ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ସଦସ୍ୟ ମାନେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା ଜଣାଇଥିଲେ । ଏହାପରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲ୍ଲିପ କୁମାର ଦୀକ୍ଷିତ, ଚନ୍ଦ୍ରଶେଖର ପାଢ଼ୀ, ରାମଚନ୍ଦ୍ର ଦାଶ, ସରୋଜ ପଣ୍ଡା, ତାରାକାନ୍ତ ରାୟ, ଶ୍ରୀକାନ୍ତ ପାଣିଗ୍ରାହୀ, ବଂଶୀଧର ପତ୍ରୀ, ବନମାଳୀ ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରି ଲାବନ୍ୟ ମଞ୍ଜରୀଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ : ୯ ଗିରଫ

ଭୁବନେଶ୍ୱର,୧୫।୦୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୫୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୩୨,୭୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ଧାନକିଣାରେ ଅନିୟମିତାକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଖଇରା,୧୫।୨(ନିପ୍ର) ଖଇରା ବ୍ଲକ ଅଧୀନ ଗଡପୋଖରୀ ସେବା ସମିତିରେ ଧାନକିଣା ସମେତ ଅନ୍ୟାନ୍ୟ ଯୋଜନାରେରେ ଅନିୟମିତତା ହୋଇଥିବା ନେଇ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ,ଜିଲା ପରିଷଦ ସଭ୍ୟା କଳ୍ପନା ନାଇକ,କୁପାରୀ ସରପଞ୍ଚ ଭବଜ୍ୟୋସ୍ନା ନାୟକ,ସମିତି ସଭ୍ୟା ସୁନିତା ସାହୁ ଙ୍କ ନେତୃତ୍ୱରେ ଚାଷି ମାନେ ରବିବାର ଦିନ ବାଲେଶ୍ୱର ଜିଲାପାଳଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ଧାନକିଣା ବେଳେ କଟନଛଟନୀ ଆଳରେ ଓଜନରେ ୫ରୁ ୧୨ପ୍ରତିଶତ ଧାନ କାଟିବା,ଅଖାବୁରା ପ୍ରଦାନ କରାନଯିବା,ପ୍ରକୃତ ଚାଷୀଙ୍କୁ ପଞ୍ଜିକରଣରୁ ବାଦ ଦେବା,କିଛି ଚାଷିଙ୍କୁ ଏକାଧିକ ଟୋକନରେ ବିକ୍ରୟର ସୁବିଧା ଦେବା,ଅନ୍ୟ ସମିତି ଅଧିନରେ ଥିବା ଚାଷୀଙ୍କୁ ଗଡପୋଖରୀରେ ପଞ୍ଜିକୃତ କରାଇ ଧାନବିକ୍ରୀ ପାଇଁ ସୁଯୋଗ ଦେବା ଭଳି ଅଭିଯୋଗ ଏଥିରେ ଉଲ୍ଲେଖ କରାଯାଇଛି। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଙ୍କ ଧାନ କିଣା ପରିଦର୍ଶନ ସମୟରେ ଧାନ କିଣାରେ ଅନିୟମିତତା ଉପଲବ୍ଧି କରିବା ପରେ ଅଧିକାରି ଙ୍କୁ ଅବଗତ କରାଇଥିଲେ। ସମ୍ପାଦକଙ୍କ ନିଳମ୍ବନ ସତ୍ତ୍ୱେ କାର୍ଯ୍ୟକରୁଥିବା ନେଇ ଏଥିରେ କୁହାଯାଇଛି। ଏ ସମ୍ପର୍କରେ ସମ୍ପାଦକ ମାନସ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ସେ ସିଧାସଳଖ ଅଭିଯୋଗକୁ ଖଣ୍ଡନ କରି ଧାନକିଣାରେ କୌଣସୀ ବିଶୃଙ୍ଖଳା ହୋଇନଥିବା କହିବା ସହ ଉପାଧକ୍ଷ ନିଜର କିଛି ସମର୍ଥକ ଙ୍କୁ ଧରି ଧାନକିଣାକୁ ଭଣ୍ଡୁର କରିବାକୁ ଆରମ୍ଭରୁ ଉଦ୍ୟମ କରୁଛନ୍ତି । ପ୍ରକୃତ ଚାଷିଙ୍କର ଏଭଳି ଅଭିଯୋଗ ନଥିବାର ବେଳେ କେବଳ ରାଜନୈତିକ ଭାବନା ରଖୀ ଏଭଳିକରାଯାଉଥିବାର କହିଦଛନ୍ତି ।

ଜଗବନ୍ଧୁ ନୋଡାଲ ବିଦ୍ୟାପୀଠରେ ଅଭିଭାବକ-ଶିକ୍ଷକ ବୈଠକ

ବାସୁଦେବପୁର,୧୫।୦୨ (ନି.ପ୍ର): ବରଣ୍ଡୁଆ ଜଗବନ୍ଧୁ ନୋଡାଲ ବିଦ୍ୟାପୀଠ ପରିସରରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ନାୟକ ସଭାପତିତ୍ୱ କରିଥିଲେ । କେରାନା ଭଳି ବିଶ୍ୱ ମହାମାରୀ ସମୟରେ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କର ପାଠପଢା କିପରି ସୁଚାରୁ ରୂପେ ସମ୍ପନ୍ନ ହୋଇପାରିବ ସେ ସଂପର୍କରେ ସମସ୍ତେ ମତ ପ୍ରକାଶ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କର ଶୈକ୍ଷିକ ଅଗ୍ରଗତି ଅଭିବୃଦ୍ଧିନିମନ୍ତେ ବିଭିନ୍ନ ପ୍ରକାର ପଦେକ୍ଷପ ନେବାପାଇଁ ବୈଠକରେ ସ୍ଥିର ହୋଇଥିଲା । ଏହି ବୈଠକରେ ସହକାରୀ ଶିକ୍ଷକ ଶ୍ରୀକାନ୍ତ ପାକଳ, ସତ୍ୟନାରାୟଣ ଓଝା, ରଶ୍ମି ରଂଜିତା ପାଣିଗ୍ରାହୀ, ସୂଚୀସ୍ମିତା ଶୁକ୍ଳ, ଜୟନ୍ତୀ ଧଳ ଓ ଶରତ କୁମାର ବେହେରା ପ୍ରମୁଖ ନିଜ ନିଜର ମତ ପ୍ରକାଶ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଓ ଅବିଭାବକ ଯୋଗଦେଇଥିଲେ।

‘ସମର୍ପଣ ଭାବ ହିଁ ସୃଜନ କର୍ମକୁ କରିଥାଏ ରସୋତ୍ତୀର୍ଣ୍ଣ’

ଗଙ୍ଗାଧର ବିଶ୍ୱାଳଙ୍କ ସ୍ତନ୍ୟପାୟୀ ଓ ଅନ୍ୟାନ୍ୟ ଗଳ୍ପ ପୁସ୍ତକର ଲୋକାର୍ପଣ

ବାଲେଶ୍ୱର,୧୫/୦୨(ନି.ପ୍ର): ସମର୍ପଣ ଭାବ ହିଁ ସୃଜନ କାଳର ଆଧାର । ସାରସ୍ୱତ ସାଧନା ହେଉ ବା ସଙ୍ଗୀତ କିମ୍ବା ଚିତ୍ରବିଦ୍ୟା, କୌଣସି ସୃଜନ କର୍ମ ରସୋତ୍ତୀର୍ଣ୍ଣ ହେବାରେ ଏକ ସମର୍ପିତ ହୃଦୟ ହୋଇଥାଏ ଆଧାର ଶିଳା । ତେଲଲୁଣର ସଂସାର ଓ ଜୀବନ ଜଞ୍ଜାଳ ଭିତରେ ଯେଉଁ